ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୦ ଜୁଲାଇ, ୨୦୨୨



**ନିଶା କାରବାର ଅଭିଯୋଗରେ ୩ ଗିରଫ**

ପୁରୀ ଅଫିସ: ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୋବାଇଲ ଅବକାରୀ ସ୍କ୍ୱାଡ୍ ନିରୀକ୍ଷକ ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସତ୍ୟବାଦୀ ଅଞ୍ଚଳରେ ଚଢ଼ାଉ କରିଛି। ସାକ୍ଷୀଗୋପାଳ ଷ୍ଟେଶନ ବଜାର, କାଦୁଆ ଛକ ଏବଂ ବାଲିସାହି ପ୍ରଭୃତି ସ୍ଥାନରେ ଚଢ଼ାଉକରି ନିଶା କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ମିନତି ବେହେରା, ସୁରେଶ କୁମାର ସାହୁ ଓ ବିଜୟ ବେହେରା। ମିନତିଙ୍କଠାରୁ ୧୫୦ ଲିଟର ଦେଶୀମଦ, ସୁରେଶଙ୍କଠାରୁ ୫କି.ଗ୍ରା. ଭାଙ୍ଗ ଏବଂ ବିଜୟଙ୍କଠାରୁ ୧୦ ଲିଟର ଦେଶୀମଦ ଜବତ ହୋଇଛି। ଏ ନେଇ ୩ଟି ମାମଲା ରୁଜୁ ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୯।୭।୨୦୨୨

| ୩,୦୦,୭୪୪ ଟଙ୍କା | |
|---|---|
| ସୁନା | ୭୦୦ ମିଲି ଗ୍ରାମ |
| ରୁପା | ମିଳିନାହିଁ |

# ଔଷଧ ଆଣିବାକୁ ଯାଇ ମହିଳା ନିଖୋଜ

### ୧୦ଦିନ ହେବ ଫେରିବା ବାଟକୁ ଚାହିଁ ରହିଛି ୪ବର୍ଷର ପୁଅ

ଅସ୍ତରଙ୍ଗ,୧୯।୭(ଡି.ଏନ୍.ଏ.)

ପୁଅର ଦେହ ଖରାପ। ଶାଶୁଙ୍କୁ କହି ନିକଟସ୍ଥ ଦୋକାନରୁ ଔଷଧ ଆଣିବାକୁ ଯାଇଥିଲେ ବୋହୂ। ହେଲେ ସକାଳ ୯ଟାରୁ ଅପରାହ୍ନ ୪ଟା ବାଜିଯାଇଥିଲେ ମଧ୍ୟ ସେ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ଶେଷରେ ବୋହୂ ନିଖୋଜ ହୋଇଥିବା ନେଇ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଅପହରଣ କରାଯାଇଥିବା ପରିବାର ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଘଟଣା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅମରାଆଲୁ ଗ୍ରାମରେ ଦେଖିବାକୁ ମିଳିଛି। ଅନ୍ୟପଟେ ମାଆର ଫେରିବା ବାଟକୁ ୪ବର୍ଷର ପୁଅ କାନ୍ଦି କାନ୍ଦି ଚାହିଁ ରହିଛି। ସୂଚନା ଅନୁଯାୟୀ, ଅମରାଆଲୁ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା ତାମିଲନାଡୁର ତିରୁପୁରମର ଏକ କପଡା କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଭଦ୍ରକର କାମିନୀଙ୍କ ସହିତ ପରିଚୟ ହୋଇଥିଲା। କାମିନୀଙ୍କ ବାପା ସେହି କମ୍ପାନୀରେ କାର୍ଯ୍ୟ କରୁଥିବାରୁ ସେ ବାପାଙ୍କ ପାଖରେ ରହୁଥିଲା। କାମିନୀ ଓ କୃଷ୍ଣଚନ୍ଦ୍ରଙ୍କ ଭିତରେ ସମ୍ପର୍କ ଗଢି ଉଠିଥିବାରୁ ପରେ ବିବାହ କରି ତାଙ୍କୁ ନିଜ ଗ୍ରାମ ଅମରାଆଲୁକୁ ଆଣିଥିଲେ। ପରେ ତାଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। ସବୁ ଭଲ ଚାଲୁଥିବାବେଳେ, ଗତ ୧୦ତାରିଖରେ ପୁଅର ଦେହ ଖରାପ ଥିବାରୁ ମା କାମିନୀ ଔଷଧ ଆଣିବାକୁ ସ୍ଥାନୀୟ ଦୋକାନକୁ ଯାଇଥିଲେ। ସକାଳ ୯ଟାରେ ଯାଇଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଫେରି ନ ଥିଲେ। ଶାଶୁଘର ଲୋକେ ଉକ୍ତ ଦୋକାନକୁ ଯାଇଥିଲେ ମଧ୍ୟ ମାମିନୀ ନ ଥିଲେ। ଏ ନେଇ ପରିବାର ଲୋକେ କୃଷ୍ଣଚନ୍ଦ୍ରଙ୍କୁ ଫୋନ କରି ଜଣାଇଥିଲେ। ପରେ ମାନିନୀଙ୍କ ଫୋନକୁ ଲଗାଇଥିଲେ ମଧ୍ୟ ତାହା ସୁଇଚ୍ ଅଫ ଦେଖାଇଥିଲା। କୃଷ୍ଣଚନ୍ଦ୍ର ଘରକୁ ଫେରି ଶ୍ୱଶୁର ଘର ସମେତ ବନ୍ଧୁବାନ୍ଧବ ଚାରିଆଡ଼େ ଖୋଜିଥିଲେ ମଧ୍ୟ ନ ପାଇବାରୁ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୋଲିସ ପ୍ରାଥମିକ ତଦନ୍ତ ଚଳାଇଛି। ତେବେ ଯଦି କୌଣସି ବ୍ୟକ୍ତି କାମିନୀ ବେହେରାଙ୍କ ସନ୍ଧାନ ପାଆନ୍ତି, ତାହେଲେ ୯୫୦୦୮୮୨୩୧୯ ନମ୍ବରରେ ଯୋଗାଯୋଗ କରିବା ପାଇଁ ସ୍ୱାମୀ କୃଷ୍ଣଚନ୍ଦ୍ର ଅନୁରୋଧ କରିଛନ୍ତି।

# 'ମୋ ବସ୍'କୁ ବିରୋଧ : ୨୨ରୁ ନିମାପଡ଼ା-ଭୁବନେଶ୍ୱର ରୁଟ୍‌ରେ ଘରୋଇ ବସ୍ ଚଳାଚଳ ବନ୍ଦ

- ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ନିଷ୍ପତ୍ତି
- ଲୋକଙ୍କ ସହଯୋଗ ଲୋଡ଼ିଲା ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ

ନିମାପଡ଼ା,୧୯।୭(ଡି.ଏନ୍.ଏ.):

ନିମାପଡ଼ା-ଭୁବନେଶ୍ୱର ରୁଟ୍‌ରେ 'ମୋ ବସ୍' ଚଳାଚଳକୁ ବିରୋଧ କରି ଆନ୍ଦୋଳନ ନିଷ୍ପତ୍ତି ନେଇଛି ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ। ଏହି ପରିପ୍ରେକ୍ଷୀରେ ସଂଘ ୨୨ତାରିଖଠାରୁ ଉକ୍ତ ରୁଟ୍‌ରେ ସମସ୍ତ ଘରୋଇ ବସ୍ ଚଳାଚଳକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବ। ଏ ସମ୍ପର୍କରେ ସୂଚନା ଦେଇ ସଂଘ ସଭାପତି ବିଚିତ୍ରାନନ୍ଦ ଖଟୋଇ କହିଛନ୍ତି, ନିମାପଡ଼ା- ଭୁବନେଶ୍ୱର ରୁଟ୍‌ରେ ପରମିଟ୍ ନ ଥାଇ ବେଆଇନ ଭାବେ ମୋ ବସ୍ ଚଳାଚଳ କରୁଛି। ପ୍ରତିବାଦରେ ସଂଘ ଆନ୍ଦୋଳନ କରିବ। ଏହାପରେ ମୋ ବସ୍ ଚଳାଚଳ ଉପରେ ରୋକ୍ ଲଗା ନ ଗଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ। ଏହି ଆନ୍ଦୋଳନ ସମ୍ପର୍କରେ ସଂଘ ପକ୍ଷରୁ ପୁରୀ ଜିଲାପାଳ, ଏସ୍‌ପି, ନିମାପଡ଼ା ପୋଲିସ, ଏସ୍‌ଡିପିଓ ପ୍ରମୁଖଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ନିମାପଡ଼ା- ଭୁବନେଶ୍ୱର ରୁଟ୍‌ରେ ବିନା ପରମିଟ୍‌ରେ ଦୀର୍ଘଦିନ ଧରି ମୋ ବସ୍ ଚଳାଚଳ କରୁଥିବା ଯୋଗୁ ଘରୋଇ ବସ୍ ଚଳାଚଳର ସମୟ ନିର୍ଘଣ୍ଟରେ ଅନ୍ତରାୟ ସୃଷ୍ଟି ହେବାରୁ ବିବାଦ ଉପୁଜିଛି। ଘରୋଇ ବସ୍ ମାଲିକମାନେ ବହୁତ କ୍ଷତି ସହୁଥିବା ସଂଘ ପକ୍ଷରୁ କୁହାଯାଇଛି। ପରିବହନ ବିଭାଗ କମିଶନର, ଭୁବନେଶ୍ୱର ଓ ପୁରୀ ଆର୍‌ଟିଓ, ପୁରୀ ଜିଲାପାଳ, ନିମାପଡ଼ା ତହସିଲଦାର, ଆଇଆଇସିଙ୍କୁ ଏନେଇ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହି ବସ୍ ଧର୍ମଘଟ ଓ ଆନ୍ଦୋଳନକୁ ସ୍ଥାନୀୟ ଜନସାଧାରଣ, ପ୍ରଶାସନ, ଯାତ୍ରୀ ସହଯୋଗ କରିବାକୁ ବସ୍ ମାଲିକ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଡେଲାଙ୍ଗ,୧୯।୭(ଡି.ଏନ୍.ଏ)- ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ହେଲେ ମାଛପଡା ଗ୍ରାମର ମନୋରଞ୍ଜନ ପ୍ରଧାନ(୩୬)। ଘଟଣା ଅନୁଯାୟୀ, ନାବାଳିକା ଜଣକ ତାଙ୍କ ମାମୁଘରେ ରହି +୨ ପ୍ରଥମ ବର୍ଷରେ ପାଠ ପଢୁଥିଲେ। ଗତମାସ ୧୭ ତାରିଖ ସକାଳ ୭ଟାରୁ କଲେଜ ଯିବା ପାଇଁ ଘରୁ ଆସି ସେ କଲେଜ ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜି ମଧ୍ୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ କିଛିଦିନ ପୂର୍ବେ ଅଭିଯୁକ୍ତଙ୍କ ମା ନାବାଳିକାଙ୍କ ଘରୁ ଆସି ତାଙ୍କ ପରିବାର ଲୋକଙ୍କୁ ପୁଅ ସହିତ ଉକ୍ତ ଝିଅର ବିବାହ କରାଅ, ନ ହେଲେ ଝିଅକୁ ମୋ ପୁଅ ଉଠାଇନେବ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଝିଅର ଅପହରଣ ସହ ଉକ୍ତ କଥା ଥାନାରେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୬୭/୨୨ରେ ମାମଲା ରୁଜୁ କରିଥିଲା। ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚଳାଇଥିଲେ। ଅଭିଯୁକ୍ତ ଜଣକ ମହାରାଷ୍ଟ୍ରରେ ଥିବା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ମନୋରଞ୍ଜନଙ୍କୁ ଗିରଫ କରିଥିଲା।

### ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ଏଏପିର ବିରୋଧ

ପୁରୀ ଅଫିସ, ୧୯।୭: ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ କରାଯାଉଥିବା ଜନହିତକର କାର୍ଯ୍ୟକୁ ଗତ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ତାଚ୍ଛଲ୍ୟ କରି ମାଗଣା ରାବିଡ଼ି ପ୍ରଦାନ କରାଯାଉଛି ବୋଲି କହିଥିଲେ। ଏହି ମନ୍ତବ୍ୟକୁ ଏଏପି ପୁରୀ ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ମଙ୍ଗଳବାର ମାର୍କେଟ ଛକରେ ବିଦ୍ୟାର୍ଥୀମାନଙ୍କୁ ଖାତା କଲମ ବଣ୍ଟାଯାଇ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ସଞ୍ଜୀବ ମହାନ୍ତି, ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଏଏପି ପୌରପାଳିକା ଅଧକ୍ଷ ଅନିଲ କୁମାର ସେନାପତି, ଯୁବ ଅଧକ୍ଷ ରାକେଶ ନନ୍ଦ, ଯୁବ ସମ୍ପାଦକ ସୁନିଲ ଜେନା, ଯୁବ ସଙ୍ଗଠକ ସୁଧାଂଶୁ ଶେଖର, ପ୍ରଦୀପ ପ୍ରଧାନ, ମିଡିଆ ସଂଯୋଜକ ସମୀର ସାମନ୍ତରାୟ, ଯୁଧିଷ୍ଠିର ବାରିକ, ଶୋଭନ ବାରିକ, ଯୁଧିଷ୍ଠିର ପାଇକରାୟ, ପ୍ରକାଶ ପ୍ରଧାନ, ଶିଶିର ପାଢ଼ୀ ଏବଂ ବିରଜା ପ୍ରସାଦ ନାଥ ଆଦି ପ୍ରମୁଖ ସାମିଲ ଥିଲେ।




ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଲକ୍ଷ୍ମୀବଜାର ଗଡ଼ନ୍ତି ଛକସ୍ଥିତ ପାଣିଟାଙ୍କି ଅଞ୍ଚଳର ଉଠା ପରିବା ବ୍ୟବସାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଥଇଥାନ ଦାବିକଲେ ପରିବା ବ୍ୟବସାୟୀ

### ବିକ୍ଷୋଭ ପ୍ରଦର୍ଶନ ସହ ଉପଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୯।୭:

ଲକ୍ଷ୍ମୀବଜାର ଗଡ଼ନ୍ତି ଛକସ୍ଥିତ ପାଣିଟାଙ୍କି ସମ୍ମୁଖରେ ପରିବା ଦୋକାନ କରିଥିବା ଉଠା ବ୍ୟବସାୟୀମାନେ ସ୍ଥାୟୀ ଥଇଥାନ ଦାବିରେ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସେମାନେ ବାପା ଜେଜେବାପା ଅମଳରୁ ଲକ୍ଷ୍ମୀବଜାରରେ ପରିବା ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ତେବେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ ପାଇଁ ଲକ୍ଷ୍ମୀବଜାର ଭଙ୍ଗାଗଲା। ଫଳରେ ସେମାନେ ସେଠାରୁ ଆସି ଗଡ଼ନ୍ତି ଛକ ପାଣିଟାଙ୍କି ସମ୍ମୁଖ ସ୍ଥାନରେ ବ୍ୟବସାୟ ଆରମ୍ଭ କରିଥିଲେ। କିଛିଦିନ ହେବ ସମ୍ପୃକ୍ତ ସ୍ଥାନରେ ଶ୍ରୀମନ୍ଦିର ପ୍ରୋଜେକ୍ଟ କାର୍ଯ୍ୟ ଜାରି ରହିଛି। ଫଳରେ ଉକ୍ତ ସ୍ଥାନରେ ବ୍ୟବସାୟ କରିବା ସମ୍ଭବ ହୋଇପାରୁନାହିଁ। ଅନେକ ଦିନ ହେଲା ରୋଜଗାର ବନ୍ଦ ହୋଇଯାଇଥିବାରୁ ପରିବାର ଲୋକେ ଭୋକ ଉପାସରେ କାଳ କାଟୁଛନ୍ତି। ତେଣୁ ସ୍ଥାୟୀ ଥଇଥାନ କରାଗଲେ ଉଠା ପରିବା ବ୍ୟବସାୟୀମାନେ ଉପକୃତ ହେବେ। ଉପଜିଲାପାଳ ଭବତାରଣ ସାହୁ ସ୍ଥାୟୀ ଥଇଥାନ ପାଇଁ ପ୍ରତିଶ୍ରୁତି ଦେବା ସହ ମଶାଣି ଚଣ୍ଡୀ ନିକଟ ପରିବା ମାର୍କେଟରେ ବ୍ୟବସାୟ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ଉକ୍ତ ସ୍ଥାନ ଶ୍ରୀମନ୍ଦିରଠାରୁ ୩ କି.ମି. ଦୂର ହୋଇଥିବାରୁ ସମସ୍ୟା ସୃଷ୍ଟି ହେବ ବୋଲି ସମ୍ପୃକ୍ତ ବ୍ୟବସାୟୀମାନେ କହିଛନ୍ତି। ବିକ୍ଷୋଭରେ କପାଳଲୋଚନ ବେହେରା, ଶିବପ୍ରସାଦ ବେହେରା, ହରିଶ୍ଚନ୍ଦ୍ର ସାହୁ, ବଳରାମ ଦୀକ୍ଷିତ, ଚନ୍ଦନ ବେହେରା ଏବଂ ପ୍ରସନ୍ନଜିତ ବେହେରାଙ୍କ ସମେତ ବହୁ ପରିବା ବ୍ୟବସାୟୀ ସାମିଲ ଥିଲେ।

# 'ସାହିତ୍ୟର ମୌସୁମୀରେ ବର୍ଷିଯାଉ ବର୍ଷା'

ପୁରୀ ଅଫିସ, ୧୯।୭:

ବ୍ରାହ୍ମଣର ବେଦପାଠ ଓ ଯଜ୍ଞର ମନ୍ତ୍ରପାଠ ଭଳି ସାହିତ୍ୟର ନିବେଦନରେ ମୌସୁମୀରେ ବର୍ଷା ବର୍ଷିଯାଉ ଏବଂ ବିଲରେ ସୁନାକେଣ୍ଡା ଧାନ ମୁଣ୍ଡଟେକୁ ବୋଲି ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ କୋଣାର୍କ ଓଡ଼ିଶା ପରିବାର ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ମୌସୁମୀ ସାହିତ୍ୟ ଆସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ କ୍ୟାପ୍‌ଟେନ୍ ଜେନେରାଲ ନାରାୟଣ ମହାନ୍ତି, କବି ବିଦେଶୀ ନାୟକ, ଗୀତିକାର ବଦ୍ରି ମିଶ୍ର, ନାଟ୍ୟକାର ମୁକୁନ୍ଦ ଶତପଥୀ, କବି ଯୋଗେଶ୍ୱର ହୋତା ଏବଂ ସାମାଜିକ କର୍ମୀ ଅଜୁ ମିଶ୍ର ଯୋଗଦେଇଥିଲେ। କପିଳେଶ୍ୱର ଖମାରୀ ଅଧ୍ୟକ୍ଷତା ଓ ବିଚିତ୍ରାନନ୍ଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ସାହିତ୍ୟିକ ଯୋଗଦେଇ କବିତା, ଗଳ୍ପ ଓ ଗୀତିକବିତା ପାଠ କରିଥିଲେ। କବିତା ପାଠୋତ୍ସବକୁ ଶିବାନନ୍ଦ, ସର୍ବାଣୀ ଦାସ ଓ ଜ୍ୟୋତିରଞ୍ଜନ ସଂଯୋଜନା କରିଥିଲେ। ଏହି ଅବସରରେ ଆଶୁତୋଷ ମେହେରଙ୍କ ଗଳ୍ପ ସଂକଳନ 'ଚୂନାଚୂନା ଫୁଲମାନେ', ଦୀପ୍ତିରଞ୍ଜନ ପଣ୍ଡାଙ୍କ ପ୍ରବନ୍ଧ 'ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ', କ୍ଷୀରୋଦ ବିଶ୍ୱାଳଙ୍କ ସମ୍ପାଦିତ ଗଳ୍ପ ସଙ୍କଳନ 'ଗଦ୍ୟାଂଶ', ଗୋଲକ ବିହାରୀ ବେହେରାଙ୍କ କବିତା ସଙ୍କଳନ 'ରକ୍ତ ପଳାଶର ନିଆଁ' ଓ 'ଜୀବନ ସାରଣୀର ନିୟମ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଭିନେତା ରାଇମୋହନ ପରିଡ଼ାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ଶୀତ ଆସର କରାଯିବ ବୋଲି ସମ୍ପାଦକ ବିଚିତ୍ରାନନ୍ଦ ମହାପାତ୍ର କହିଛନ୍ତି।

# ୯୦ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

ପୁରୀ ଅଫିସ/ଗୋପ, ୧୯।୭(ଡି.ଏନ୍.ଏ.)

ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ପୁରୀର ତାଳବଣିଆ ଥାନା ପୋଲିସ ଜଣଙ୍କୁ ଓ ଅବକାରୀ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରାଯାଇଛି। ପୁରୀରୁ ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡା ଥାନାର ପତିତପାବନ ଲେନ୍‌ର କାଉ ଓରଫ ଅମିତାଭ ପ୍ରଧାନ (୧୯)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୦ଗ୍ରାମ ବ୍ରାଉନସୁଗାର, ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ୧୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୯୬/୨୨ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୯ଟାରେ ପୋଲିସକୁ ସୂଚନା ମିଳିଥିଲା ଜଣେ ବ୍ରାଉନସୁଗାର ବେପାରୀ ହୁଲୁହୁଳିଆ ପୋଲ ନିକଟରେ ବ୍ରାଉନସୁଗାର ବିକ୍ରି କରିବାକୁ ଆସୁଛନ୍ତି। ତାଳବଣିଆ ଥାନା ଏସ୍‌ଆଇ ପି.କେ. ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ଉକ୍ତ ଅଞ୍ଚଳରେ ଜଗି ରହି ଅଭିଯୁକ୍ତ କାଉ ଆସିବା ପରେ କାବୁ କରିଥିଲେ। ସେହିଭଳି ପୁରୀ ଅବକାରୀ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢାଉ କରାଯାଇ ୮୦ ଗ୍ରାମ୍ ବ୍ରାଉନସୁଗାର ଜବତ ସହିତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏ ନେଇ କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲା(ନଂ.୩୩, ୩୪/୨୨) ରୁଜୁ କରାଯାଇଛି। ଗୋପ ଥାନା ଅଧୀନ ନାଗପୁର, ବଡତରା, ଗଡରୁପାସ, ବେଗୁନିଆ ଛକ ସହିତ ନୟାହାଟ ଫାଣ୍ଡି ନିକଟରେ ନିଶା କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ମଙ୍ଗଳବାର ପୁରୀ ଅବକାରୀ ବିଭାଗର ଜଗଦିଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଗୋପ ଥାନା ଶାରଡା ଛକ ନିକଟରେ ଜଗି ରହି ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ବବ୍ରୁବାହନ ମହାନ୍ତିଙ୍କୁ ଗିରଫ କରିବା ସହ ୮୦ ଗ୍ରାମ୍‌ର ବ୍ରାଉନ ସୁଗାର ଜବତ କରିଥିଲେ। ସେହିପରି ଗୋପ ଥାନା ନିକଟରୁ ବ୍ରାଉନସୁଗାର ଖାଉଥିବା ଜଣେ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି।

# ବେଉସା ବନ୍ଦ: ଚିନ୍ତାରେ ୩ ଶହ ପରିବାର



ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ଆଗରେ ଫଟୋଗ୍ରାଫର ଓ ଗାଇଡ୍ ଆସୋସିଏଶନ ପକ୍ଷରୁ ଧାରଣା।

### ୨୩ ଦିନରେ ଫଟୋଗ୍ରାଫର, ଗାଇଡ୍‌ଙ୍କ ଧାରଣା

କୋଣାର୍କ,୧୯।୭(ଡି.ଏନ୍.ଏ.)

ସୂର୍ଯ୍ୟମନ୍ଦିର ପରିସରରେ ଦୀର୍ଘ ୩୮ବର୍ଷ ଧରି ଫଟୋ ଉଠାଇ ଜୀବିକା ନିର୍ବାହ କରିଆସୁଥିବା ୩୦୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫରଙ୍କୁ ଫଟୋଗ୍ରାଫି କରିବା ସହ ଗାଇଡ୍‌ଙ୍କ ଉପରେ ଏଏସ୍‌ଆଇ ପକ୍ଷରୁ ରୋକ ଲଗାଯାଇଛି। ଏହା ପ୍ରତିବାଦରେ ଗତ ୨୩ଦିନ ହେଲା ସୂର୍ଯ୍ୟମନ୍ଦିର ମୁଖ୍ୟଫାଟକ ସମ୍ମୁଖରେ ଫଟୋଗ୍ରାଫର ଓ ଗାଇଡ୍ ଆସୋସିଏଶନ ପକ୍ଷରୁ ଧାରଣା ଜାରି ରହିଛି। କୌଣସି ପ୍ରଶାସନିକ ଅଧିକାରୀ ଏଯାବତ ଧାରଣାସ୍ଥଳକୁ ଯାଇନାହାନ୍ତି। କେତେଜଣ ନେତା ଓ ମନ୍ତ୍ରୀ ଆସି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଏଏସ୍‌ଆଇ ପକ୍ଷରୁ କେବଳ ୭୮ ଜଣଙ୍କୁ ଲାଇସେନ୍ସ ଦିଆଯିବା ପାଇଁ ବ୍ୟବସ୍ଥା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ମାତ୍ର ୮ଜଣକୁ ଲାଇସେନ୍ସ ମିଳିଥିବା ବେଳେ ଅନ୍ୟମାନଙ୍କ ଭବିଷ୍ୟତ ଏବେ ଅନ୍ଧକାର। ତୁରନ୍ତ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଧାରଣାରତ ଫଟୋଗ୍ରାଫର, ଗାଇଡ୍ ଦାବି କରିଛନ୍ତି। ନଚେତ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ଫଟୋଗ୍ରାଫର ଆସୋସିଏଶନର ସଭାପତି ଅଶୋକ ସ୍ୱାଇଁ କହିଛନ୍ତି।

# ପ୍ରତାରଣା ପରେ ପ୍ରେମିକାଙ୍କୁ ବିଷ ପିଆଇଲେ

ଡେଲାଙ୍ଗ,୧୯।୭(ଡି.ଏନ୍.ଏ)

ଜଣେ ଯୁବତୀ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ନାନା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିଥିଲେ। ଏ ସମ୍ପର୍କରେ ଯୁବତୀ କହିବାରୁ ଦିନେ ସେ ସ୍ଥାନୀୟ ଏକ ଗ୍ରାମରୁ ଠାକୁରଙ୍କ ଦର୍ଶନ ସାରି ଫେରିବା ସମୟରେ ବଳପୂର୍ବକ ଯୁବକ ଜଣକ ତାଙ୍କୁ ବିଷ ପିଆଇ ଦେଇଥିଲେ। ଗ୍ରାମବାସୀ ଜାଣି ଯୁବତୀଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଯୁବତୀଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପରେ ଯୁବତୀଙ୍କ ବାପା ଯୁବକଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରି କି ଯୁବତୀଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହୋଇଥିବା ବେଳେ ଗୋଟିଏ କିଡ୍‌ନୀ ମଧ୍ୟ ଫେଲ ହୋଇଯାଇଥିବା ଡାକ୍ତର କହିଛନ୍ତି। ଏହି ଘଟଣା ଡେଲାଙ୍ଗ ଅଞ୍ଚଳରେ ପ୍ରଚାର ହେବା ପରେ ଯୁବତୀଙ୍କ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଲୋକ ମଙ୍ଗଳବାର ଡେଲାଙ୍ଗ ଥାନାରେ ପହଞ୍ଚି ଆଇଆଇସିଙ୍କ ସହିତ ଆଲୋଚନା କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ମହାନ୍ତି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଭଲ ପାଇ ପ୍ରେମ କରିଲେ। ପରେ ଶାରୀରିକ ସମ୍ପର୍କ ରଖି ଶେଷରେ ଧୋକା ଦେଇ ଯୁବତୀଙ୍କୁ ବଳପୂର୍ବକ ବିଷ ( ଘାସମରା ଔଷଧ) ପିଆଇ ମାରିବାକୁ ଉଦ୍ୟମ କରିଥିଲେ ପ୍ରେମିକ। ଉକ୍ତ ଯୁବକଙ୍କ ବିରୋଧରେ ଯୁବତୀଙ୍କ ପରିବାର ଲୋକେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଆଇଆଇସି ଅନିଲ କୁମାର ମହାନ୍ତି ଏକ ମାମଲା ନଂ.୧୮୬/୨୨ରେ ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛନ୍ତି। ଘଟଣା ଅନୁଯାୟୀ, ଏହି ଥାନା ଅଞ୍ଚଳର

# ପରିଣତ ବୟସରେ ହାରିନାହାନ୍ତି ଉମେଶ

### ସାଇକେଲରେ ୩୦କି.ମି. ବୁଲି ବିକୁଛନ୍ତି ବ୍ୟାଗ୍

ଗୋପ,୧୯।୭(ଡି.ଏନ୍.ଏ.):

ଜୀବନ ସଂଗ୍ରାମ ଜିତିବାକୁ ସଂଘର୍ଷ କରିବାକୁ ପଡ଼େ। ସେତେବେଳେ ବୟସ ବାଧକ ସାଜି ନ ଥାଏ। ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଆଗରେ ବୟସ କେବଳ ଏକ ସଂଖ୍ୟା ପାଲଟିଯାଏ। କର୍ମ ପ୍ରତି ଆଗ୍ରହ ଓ ପରିବାରର ଦାୟିତ୍ୱ ଥିବାରୁ ପରିଣତ ବୟସରେ ମଧ୍ୟ ଥକି ପଡ଼ିନାହାନ୍ତି ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ଉମେଶ ଚନ୍ଦ୍ର ଦାଶ(୭୦)। ଦୈନିକ ପ୍ରାୟ ୩୦ କି.ମି. ସାଇକେଲରେ ବୁଲି ସେ ଜରି ବ୍ୟାଗ୍ ବିକ୍ରି କରୁଛନ୍ତି। ଦୀର୍ଘ ୨୯ ବର୍ଷ ଧରି ସେ ଏଭଳି ବ୍ୟବସାୟ କରୁଥିବା କହିଛନ୍ତି।

ଉମେଶ ବ୍ରାହ୍ମଣ ଜାତିର ହୋଇ ମଧ୍ୟ ନିଜ କୌଳିକ ବୃତ୍ତି କରିପାରି ନ ଥିଲେ। ବିବାହ ପରେ ପରିବାର ଲାଗି ସଂଘର୍ଷ ଆରମ୍ଭ ହୋଇଥିଲା। ବିଭିନ୍ନ କାମରେ ନିୟୋଜିତ ହୋଇଥିଲେ ମଧ୍ୟ ସଫଳତା ପାଇ ନ ଥିଲେ। ୧୯୯୦ରେ ଗାଁ ନିକଟସ୍ଥ ଏକ ବ୍ୟାଗ୍ ଫ୍ୟାକ୍ଟ୍ରିରୁ କିଛି ବ୍ୟାଗ୍ ଆଣି



ବିକ୍ରି କରିଥିଲେ। ପ୍ରଥମେ ବହୁତ କଷ୍ଟ ଲାଗିଥିଲା। ପରେ ସାଇକେଲରେ ବଜାର ଓ ଗାଁ ବୁଲି ଦୋକାନରେ ଜରି ବ୍ୟାଗ୍ ବିକ୍ରି କରୁଛନ୍ତି। ସେ ସମୟରେ ବିଶେଷ ବଜାର ନ ଥିଲା। ହେଲେ ଏବେ ଅଧିକ ବଜାର ହେବାରୁ ତାଙ୍କର ବେପାର ଭଲ ହେଉଛି। କିନ୍ତୁ ଏଥିପାଇଁ ତାଙ୍କୁ ଦିନକୁ ୨୫ରୁ ୩୦ କିଲୋମିଟର ସାଇକେଲରେ ଯିବାକୁ ପଡୁଛି। ପରିବାର କହିଲେ ୩ପୁଅ ଓ ଝିଅଟିଏ। ଏପର୍ଯ୍ୟନ୍ତ ପୁଅମାନେ ରୋଜଗାରକ୍ଷମ ହୋଇନାହାନ୍ତି। ବ୍ୟାଗ୍ ବିକି ଦିନକୁ ପ୍ରାୟ ୪ଶହ ଟଙ୍କା ରୋଜଗାର ହେଉଥିବାବେଳେ ଦୁଃଖକଷ୍ଟରେ ପରିବାର ଚଳୁଛି। ରାଶନ୍ କାର୍ଡରେ ଚାଉଳ ମିଳୁଥିବାବେଳେ ସରକାରଙ୍କ ପକ୍ଷରୁ କିଛି ସହାୟତା ମିଳିଲେ ଗୋଟିଏ ବ୍ୟାଗ ଫ୍ୟାକ୍ଟ୍ରି କରନ୍ତେ ବୋଲି ରମେଶ କହିଛନ୍ତି।

# ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରାସ୍ତା ବିଚ୍ଛିନ୍ନ ଆଶଙ୍କା

### କୂଳ ଲଂଘୁଛି ସମୁଦ୍ର

କୋଣାର୍କ,୧୯।୭(ଡି.ଏନ୍.ଏ.):

ଓଡ଼ିଶା ପର୍ଯ୍ୟଟନ ସ୍ୱର୍ଣ୍ଣ ତ୍ରିଭୁଜର ଅନ୍ୟତମ ଆକର୍ଷଣ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା। ଏଠାକାର ପ୍ରାକୃତିକ ପରିବେଶ, ଝାଉଁବଣ, ନଦୀ ଓ ସମୁଦ୍ରର ମିଳନ ସ୍ଥଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା ଉପରେ ଗମନାଗମନ ଲାଗି ଦୈନିକ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ସମୁଦ୍ର ଏବେ ସ୍ଥଳଭାଗକୁ ମାଡ଼ି ଆସୁଛି। ଫଳରେ ମେରାଇନ୍ ଡ୍ରାଇଭ୍ ରାସ୍ତା ଧୋଇଯିବାର ଆଶଙ୍କା ଦେଖାଦେଲାଣି। ଏହି ରାସ୍ତାର ଚନ୍ଦ୍ରଭାଗା ନୋଳିଆ ସାହି ନିକଟରୁ ରାମଚଣ୍ଡି ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୫ କିମି ରାସ୍ତା ନଷ୍ଟ ହେବାରେ ଲାଗିଲାଣି। ଏହା ଦ୍ୱାରା ରାସ୍ତା ସମେତ ବାଲୁଖଣ୍ଡ ଅଭୟାରଣ୍ୟ, ପ୍ରାକୃତିକ ପରିବେଶ, ଶୋଭାରାଜି, ନିକଟ ଅଞ୍ଚଳ ସମେତ କୋଣାର୍କ ଓ ଆଖପାଖ ଅଞ୍ଚଳ ପ୍ରଭାବିତ ହେବ। ଫଳରେ ପରିବେଶ ଉଜୁଡ଼ିବା ସହିତ ଗମନାଗମନ, ପର୍ଯ୍ୟଟନ ବାଧାପ୍ରାପ୍ତ ହେବ। ଜାତୀୟ ରାଜପଥ ମାନ୍ୟତା ପାଇଥିବା ଏହି ରାସ୍ତା ଦେଇ ପ୍ରାୟ ରାଜ୍ୟର ନେତା, ମନ୍ତ୍ରୀ ଏବଂ ବରିଷ୍ଠ ସରକାରୀ ପଦାଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବା ବିଡ଼ମ୍ବନା। ଏଣୁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଜିଓ ସିନ୍ଥେଟିକ କାନ୍ଥ ନିର୍ମାଣ ସହ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ଆଗେଇ ଆସିବାକୁ ସାଧାରଣରେ ଦାବି ହେଉଛି।



ମେରାଇନ୍ ଡ୍ରାଇଭ୍ ରାସ୍ତା ପାର୍ଶ୍ୱକୁ ସମୁଦ୍ର ଖାଇଯାଉଛି ।

## ସଂକ୍ଷେପରେ

### ‘ମଣିଷ ପୁନର୍ଜନ୍ମ ଲାଭ କରେ କି’ ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର, ୧୯।୭ (ବ୍ୟୁରୋ): ଥିଙ୍କର୍ସ କ୍ଲବର ୩୫ତମ ଆଭାସି ଆଲୋଚନା କ୍ଲବର ସଭାପତି ବରଦା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ‘ମଣିଷ ପୁନର୍ଜନ୍ମ ଲାଭ କରେ, ଏ ଉକ୍ତି କେତେ ଦୂର ସତ୍ୟ’ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ ସତ୍ୟର ସନ୍ଧାନ ପୁସ୍ତକରୁ ୩୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଲିଖିତ ଉତ୍ତର ପାଠ ପରେ ବିଶପ ଡି.ବି. ହୃଦୟ ବାଇବେଲ, ସକିଲ ଅହମଦ କୋରାନ ଓ ଆଚାର୍ଯ୍ୟ ପ୍ରିୟେସ ହିନ୍ଦୁ ଶାସ୍ତ୍ରରୁ ମତାମତ ପ୍ରକାଶ କରିଥିଲେ। ବାସ୍ତବବାଦୀ ବୈଜ୍ଞାନିକ ଦୃଷ୍ଟିକୋଣରୁ ନନ୍ଦନନ୍ଦନ ଦାସ, ମଧ୍ୟପ୍ରଦେଶରୁ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ. ରଜତ ଶତପଥୀ, ବାହାରିନରୁ ସୁବାସ ସାହୁ, ବୌଦ୍ଧରୁ ନବ ବାବୁ, ପ୍ରଫେସର ଉମାଶଙ୍କର ମିଶ୍ର, ଡ. ବ୍ରଜ ନାୟକ, ବାଲ୍ମୀକି ନାୟକ, ପ୍ରଣତି ମହାପାତ୍ର, ନିମାଇଁ ସ୍ୱାଇଁ ଆଦି ପୁନର୍ଜନ୍ମ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଆଗ୍ରହୀ ବ୍ୟକ୍ତି ଥିଙ୍କର୍ସ କ୍ଲବ ୟୁଟ୍ୟୁବ୍‌କୁ ଯାଇ ଏହି ଆଲୋଚନାକୁ ଦେଖିପାରିବେ। ଆସନ୍ତା ୨୨ରେ ରାତ୍ର ୮ଟା ୩୦ରେ ‘ପୁତ୍ର କନ୍ୟା ଓ ମୁଖାଗ୍ନି’ ବିଷୟରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ସଭାର ବୈଷୟିକ ପରିଚାଳନା ବାଙ୍ଗାଲୋରରୁ ବିଭୁଦତ୍ତ ମହାନ୍ତି ସମ୍ପାଦନ କରିଥିଲେ।

### ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା, ମିଳିଲାନି ମୋବାଇଲ

#### ଆଶିଷ ଓଝା ହତ୍ୟା ଘଟଣା

ବାଲିପାଟଣା,୧୯।୭(ଡିଏନ୍.ଏ.): ବାଲିପାଟଣା ଥାନା ଅଧୀନ ଶିଶିଲୋ ଗ୍ରାମର ଆଶିଷ ଓଝା ଓରଫ ବବୁଲଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଗତ ୧୧ ତାରିଖରେ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରାଜକିଶୋର ଦାସ ଓରଫ ରାଜା, ଦୁର୍ଯ୍ୟୋଧନ ବେହେରା ଓ ରାକେଶ ସେଠୀ। ତେବେ ହତ୍ୟା ସମ୍ପର୍କିତ ଅଧିକ ତଥ୍ୟ ପାଇଁ ସୋମବାର ପୋଲିସ ଅଭିଯୁକ୍ତମାନଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ତେବେ ହତ୍ୟାକାଣ୍ଡ ଘଟଣା ପରଠାରୁ ଆଶିଷଙ୍କ ମୋବାଇଲ ଫୋନ ମିଳି ନ ଥିବା ବେଳେ ପଚରାଉଚରା ସମୟରେ ହତ୍ୟା ଘଟଣାସ୍ଥଳ ବୋଧଖଣ୍ଡି ଗାଁ ନିକଟ ଧନୁଆ ନଦୀରେ ଫିଙ୍ଗି ଦେଇଥିବା ଅଭିଯୁକ୍ତମାନେ କହିଥିଲେ। ମଙ୍ଗଳବାର ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନଦୀରେ ଖୋଜାଖୋଜି କରିଥିଲେ ମଧ ମୋବାଇଲର ସନ୍ଧାନ ପାଇ ନ ଥିଲେ। ଅନ୍ୟପଟେ ରିମାଣ୍ଡ ଅବଧି ସରିଥିବାରୁ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିଥିଲା। ସୂଚନାଥାଉ କି, ଶିଶିଲୋ ଗ୍ରାମର ଜଣେ ଯୁବତୀଙ୍କୁ ରାଜା ଏକତରଫା ଭାବେ ଭଲ ପାଉଥିଲେ। ତେବେ ରାଜାଙ୍କ ଭଲପାଇବାକୁ ଯୁବତୀଙ୍କ ଭାଇ ଆଶିଷ ବିରୋଧ କରିବା ସହ ଦୁଇଜଣଙ୍କ ମଧରେ ଝଗଡ଼ା ହୋଇଥିଲା। ହଠାତ୍ ସମ୍ପୃକ୍ତା ଯୁବତୀଙ୍କ ବାହାଘର କଥା ଶୁଣି ରାଜା ବିଚଳିତ ହୋଇଉଠିଥିଲେ। ପରେ ରାଜା ପ୍ରତିଶୋଧ ପରାୟଣ ହୋଇ ଆଶିଷଙ୍କୁ ଜୀବନରେ ମାରିଦେବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ସମ୍ପୃକ୍ତା ଯୁବତୀଙ୍କ ବିବାହର ପୂର୍ବଦିନ ସନ୍ଧ୍ୟାରେ ଅଭିଯୁକ୍ତମାନେ ଆଶିଷଙ୍କୁ ମାଡ଼ ମାରିବା ସହ ଗାମୁଛାରେ ବେକ ଚିପି ହତ୍ୟା କରି ବିଲରେ ଫିଙ୍ଗି ଦେଇଥିଲେ।

# ରାଜଧାନୀରେ ଟିକାକେନ୍ଦ୍ର ସଂଖ୍ୟା ୨୭କୁ ବୃଦ୍ଧି

ଭୁବନେଶ୍ୱର,୧୯।୭(ବ୍ୟୁରୋ)



## ବୁଷ୍ଟର ଡୋଜ ସହିତ ପ୍ରଥମ, ଦ୍ୱିତୀୟ ଏବଂ କିଶୋରଙ୍କୁ ମିଳିବ ଟିକା

କରୋନା ମହାମାରୀ କାୟା ବିସ୍ତାର କରୁଥିବାବେଳେ ଏଥିରୁ ରକ୍ଷା ପାଇବା ପାଇଁ ସରକାର ଟିକାକରଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ମହାମାରୀର ପ୍ରକୋପ ଅଧିକ ରହୁଥିବାରୁ ଏଠାରେ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଲୋକମାନେ ଯେପରି ଶୃଙ୍ଖଳାର ସହ ଯଥାଶୀଘ୍ର ଟିକା ନେଇପାରିବେ ସେନେଇ ବିଏମ୍‌ସି ଟିକାକେନ୍ଦ୍ର ବୃଦ୍ଧି କରିଛି। ପୂର୍ବରୁ ୧୨ଟି କେନ୍ଦ୍ରରେ ଟିକା ଦିଆଯାଉଥିବାବେଳେ ଏହାକୁ ବଢ଼ାଇ ୨୭ କରାଯାଇଛି। କେବଳ ବୁଷ୍ଟର ଡୋଜ୍ ନୁହେଁ ବରଂ ଯେଉଁମାନେ ପ୍ରଥମ ଏବଂ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି ସେମାନଙ୍କ ପାଇଁ ମଧ ଟିକାକରଣର ବ୍ୟବସ୍ଥା ରହିଛି। କେବଳ ସେତିକି ନୁହେଁ, କୋଭାକ୍ସିନ୍‌ଠାରୁ ଆରମ୍ଭ କରି କୋଭିସିଲ୍ଡ ଏବଂ ପିଲାମାନଙ୍କ ପାଇଁ କୋର୍ବେଭାକ୍ସ ଟିକା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି। ବିଏମ୍‌ସି ପକ୍ଷରୁ ଚିହ୍ନଟ ହୋଇଥିବା ୨୧ଟି ସ୍ୱାସ୍ଥ୍ୟକେନ୍ଦ୍ର ଯଥା କ୍ୟାପିଟାଲ ହସ୍ପିଟାଲ, ଏମ୍‌ସ, ବିଏମ୍‌ସି ହସ୍ପିଟାଲ, ପଟିଆ ୟୁସିଏଚ୍‌ସି, ୟୁନିଟ–୪ ୟୁସିଏଚ୍‌ସି, ଡୁମୁଡୁମା ୟୁସିଏଚ୍‌ସି, ଶହୀଦନଗର ୟୁପିଏଚ୍‌ସି, ଘାଟିକିଆ ୟୁପିଏଚ୍‌ସି, ଆଇଆର୍‌ସି ଭିଲେଜ୍ ୟୁପିଏଚ୍‌ସି, କଳ୍ପନା ୟୁପିଏଚ୍‌ସି, ସାମନ୍ତରାପୁର ୟୁପିଏଚ୍‌ସି, ୟୁନିଟ–୮ ୟୁପିଏଚ୍‌ସି, ଇସିଓଆର୍, ଶିଖରଚଣ୍ଡୀ ୟୁପିଏଚ୍‌ସି, ଜିଜିପି ରସୁଲଗଡ଼ ୟୁପିଏଚ୍‌ସି, ଝାରପଡ଼ା ୟୁପିଏଚ୍‌ସି, ନୀଳାଦ୍ରିବିହାର ୟୁପିଏଚ୍‌ସି, ୟୁନିଟ–୩ ୟୁପିଏଚ୍‌ସି, ବ୍ରହ୍ମେଶ୍ୱର ପାଟଣା ୟୁପିଏଚ୍‌ସି, ପୋଖରୀପୁଟ ୟୁପିଏଚ୍‌ସି ଏବଂ ନହରକଣ୍ଟା ୟୁପିଏଚ୍‌ସିରେ କୋଭାକ୍ସିନ ଦିଆଯିବ। ଏଠାରେ ହିତାଧିକାରୀମାନେ ପ୍ରଥମ, ଦ୍ୱିତୀୟ ଏବଂ ବୁଷ୍ଟର ଡୋଜ୍ ନେଇପାରିବେ। ସେହିପରି ୟୁନିଟ–୯ ୟୁପିଏଚ୍‌ସିରେ କୋଭିସିଲ୍ଡ ବୁଷ୍ଟର ଡୋଜ୍ ପ୍ରଦାନ କରାଯିବ। ଏଥିସହ କ୍ୟାପିଟାଲ ହସ୍ପିଟାଲ, ଏମ୍‌ସ, ସତ୍ୟନଗର ୟୁପିଏଚ୍‌ସି, ଚନ୍ଦ୍ରଶେଖରପୁର ୟୁପିଏଚ୍‌ସି ଏବଂ କପିଳପ୍ରସାଦ ୟୁପିଏଚ୍‌ସିରେ ୧୨ରୁ ୧୪ ବର୍ଷର ପିଲାମାନଙ୍କୁ କୋର୍ବେଭାକ୍ସ ଟିକା ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ଟିକାକେନ୍ଦ୍ରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ୫.୩୦ ପର୍ଯ୍ୟନ୍ତ ଟିକାକରଣ କରାଯିବ। ତେବେ ଟିକାକରଣ ପାଇଁ ହିତାଧିକାରୀଙ୍କୁ ଅନ୍‌ଲାଇନ୍‌ରେ ସ୍ଲଟ୍ ବୁକିଂ କରିବାକୁ ପଡିବ। ପୂର୍ବରୁ ଅନ୍‌ଲାଇନ୍ ଏବଂ ସିଧାସଳଖ ଭାବେ ଟିକାକେନ୍ଦ୍ରକୁ ଯାଇ ଟିକା ନେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହାଦ୍ୱାରା ଅତ୍ୟଧିକ ଗହଳି ହେଉଥିବାରୁ ବିଏମ୍‌ସି ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି।

# କେନାଲକୁ ଓଲଟିଲା କାର, ବର୍ତ୍ତିଲେ ଚାଳକ

ବାରଙ୍ଗ,୧୯।୭(ଡି.ଏନ୍.ଏ.)

ଘରକୁ ଯାଉଥିବାବେଳେ ସୋମବାର ରାତିରେ କାର୍‌ଟି ଭାରସାମ୍ୟ ହରାଇ ପୁରୀ ମୁଖ୍ୟ କେନାଲକୁ ଖସିପଡିଛି। ଫଳରେ ଚାଳକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ନନ୍ଦନକାନନ ଥାନା ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମ ଯାତ୍ରା ପଡ଼ିଆରେ ଯାତ୍ରା ଅପେରାର ରିହରସାଲ ଚାଲିଥିଲା। ରିହରସାଲ ସରିବା ପରେ ଚାଳକ ଯାତ୍ରାପାର୍ଟିର ଗୀତିକାର ରୁନୁ ପଣ୍ଡାଙ୍କୁ ନେଇ ଘରେ ଛାଡିଥିଲେ। ପରେ ସେ ଏକା ସାଢେ ୩ଟା ରାତିରେ ପୁରୀ କେନାଲ ରାସ୍ତା ଦେଇ ଫେରୁଥିବାବେଳେ ମରିଚିଆ ସାଇଫନ୍ ପାଖ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ କାର୍‌ଟି କେନାଲ ଭିତରକୁ ଖସିପଡିଥିଲା। ଏଥିରୁ ଚାଳକ ନିଜକୁ ବଞ୍ଚାଇ ନେଇଥିଲେ। ପରେ ମଙ୍ଗଳବାର ଅପରାହ୍ନରେ ନନ୍ଦନକାନନ ଥାନା ପୋଲିସ ସହାୟତାରେ ଏକ କ୍ରେନ୍ ସାହାଯ୍ୟରେ କାର୍‌କୁ ଉଦ୍ଧାର କରାଯାଇଛି।



କେନାଲରୁ କାର୍‌ଟିକୁ ଉଦ୍ଧାର କରାଯାଉଛି।



‘ଆଜାଦୀ କା ଅମୃତ ମହୋତ୍ସବ’ ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥର ଜୋନ୍ ମୁଖ୍ୟାଳୟଠାରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଦ୍ୱାରା ଆୟୋଜିତ ସଚେତନତା ଅଭିଯାନ ସମ୍ପର୍କିତ ବାଇକ୍ ରାଲି। ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଏବଂ ମୁଖ୍ୟ ସୁରକ୍ଷା କମିଶନର, ଆର୍‌ପିଏଫ୍ ପି.ଭି. ସାନ୍ଥାରାମ ପ୍ରମୁଖ ବାଇକ ରାଲିର ଶୁଭାରମ୍ଭ କରୁଛନ୍ତି।

# ଏଣିକି ଗଛରେ ଲାଗିପାରିବନି ବିଜ୍ଞାପନ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

## ପରିମଳ ନିୟମ ନ ମାନିଲେ ୫ଶହ ଜରିମାନା

ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପରିମଳ ଉପରେ ଗୁରୁତ୍ୱ ଦେଉଛି ବିଏମ୍‌ସି। ରାସ୍ତା କଡ଼ରେ ଥିବା ଦୋକାନ, ଶୋ’ରୁମ୍ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ସେମାନଙ୍କ ଆଖପାଖ ପରିଷ୍କାର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଅଧିକାଂଶ ବ୍ୟବସାୟୀ ବିଏମ୍‌ସିର ନିର୍ଦ୍ଦେଶକୁ ଅଣଦେଖା କରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଛନ୍ତି। ଫଳରେ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ତେବେ ଏହି ଅମାନିଆ ବ୍ୟବସାୟୀଙ୍କୁ ସାବାଡ କରିବା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଣିକି ଯେଉଁମାନେ ନିୟମ ପାଳନ ନ କରିବେ ବା ନିଜ ଆଖପାଖର ୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ପରିଷ୍କାର ନ ରଖିବେ ସେମାନଙ୍କୁ ୫ଶହ ଟଙ୍କା ଜରିମାନା ଦେବାକୁ ପଡିବ। ଏଥିସହ ନିଜ ଦୋକାନ ବା ଶୋ’ରୁମ୍ ଆଗରେ ୨ଟି ଡଷ୍ଟବିନ୍ (ଓଦ ଓ ଶୁଖିଲା) ରଖିବାକୁ ପଡିବ। ସେଗୁଡ଼ିକୁ ବିଏମ୍‌ସିର ସଫେଇ ଗାଡ଼ିକୁ ହସ୍ତାନ୍ତର କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପରିମଳ ସହିତ ବୃକ୍ଷର ସୌନ୍ଦର୍ଯ୍ୟ ଉପରେ ମଧ ଗୁରୁତ୍ୱ ଦିଆଯାଉଛି। ବିଏମ୍‌ସି ପକ୍ଷରୁ ଗଛ ସଫେଇ ଅଭିଯାନ ଆରମ୍ଭ କରାଯାଇଛି। ଏଣିକି ଗଛରେ ବିଜ୍ଞାପନ ଲଗାଇଲେ ଜରିମାନା ଗଣିବାକୁ ପଡିବ ବୋଲି ଚେତାବନୀ ଦିଆଯାଇଛି। ଅନେକ ସମୟରେ ରାସ୍ତାକଡ଼ରେ ଥିବା ଗଛଗୁଡ଼ିକରେ ବିଭିନ୍ନ ବିଜ୍ଞାପନ ଲଗାଯାଇ ସୌନ୍ଦର୍ଯ୍ୟ ନଷ୍ଟ କରାଯାଉଛି। ମାତ୍ର ଏବେ ଆଉ ତାହା ଚଳିବ ନାହିଁ। ଯେଉଁ ବ୍ୟକ୍ତି ବା ଅନୁଷ୍ଠାନ ପକ୍ଷରୁ ଗଛଗୁଡ଼ିକରେ ବିଜ୍ଞାପନ ଲଗାଯିବ ସେମାନଙ୍କୁ ଅତ୍ୟଧିକ ଜରିମାନା ଗଣିବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି।

# ‘ନଦୀବନ୍ଧ ରାସ୍ତାର ଉନ୍ନତୀକରଣ କରାଯାଉ’

ପୁରୁଣା ଭୁବନେଶ୍ୱର,୧୯।୭(ଡି.ଏନ୍.ଏ.)

ଦୟାନଦୀ ବନ୍ଧ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ କରିବାକୁ ନେଇ ଏକାମ୍ର ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ ଏକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅରୁଣ ପୁରୋହିତଙ୍କ ଆହ୍ୱାନରେ ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ଏହାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ନଦୀବନ୍ଧସ୍ଥିତ ଜାଡୁମଲୀ ପ୍ରାଙ୍ଗଣରୁ ବାହାରି ଇଟିପୁରଠାରେ ପହଞ୍ଚିଥିଲା। ମଣ୍ଡଳ ଭାଜପା କର୍ମୀମାନେ ବିଭିନ୍ନ ନାରାବାଜି ଦେଇଥିଲେ। ସୂଚନା ମୁତାବକ, ଲିଙ୍ଗିପୁର, ଇଟିପୁର, ଟିକରପଡା ଆଦି ୬ ପଞ୍ଚାୟତର ଗ୍ରାମବାସୀ ଏହି ନଦୀବନ୍ଧରେ ଯାତାୟାତ କରିଥାନ୍ତି। ଏବେ ଏହି ବନ୍ଧର ଅବସ୍ଥା ଶୋଚନୀୟ ହୋଇପଡିଛି। ଗତବର୍ଷ ସରକାର ଏହି ବନ୍ଧର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୨୩ କୋଟି ଟଙ୍କା ବଜେଟ୍ ଆକଳନ କରିଥିଲେ। ତେବେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ କହିଛନ୍ତି, ରାସ୍ତା ପ୍ରଶସ୍ତୀକରଣ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇନାହିଁ। ସେଥିପାଇଁ କାମ କରାଯାଇ ନାହିଁ। ତେବେ ଜମି ଅଧିଗ୍ରହଣ ସରିବା ପରେ କାର୍ଯ୍ୟ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ।




ଶୋଭାଯାତ୍ରାରେ ବାହାରିଥିବା ଭାଜପା କର୍ମୀ।

## ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ପ୍ରତିଯୋଗିତା

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ବିଜେବି କଲେଜଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା, ସାଧାରଣ ଜ୍ଞାନ ଓ କବିତା ଆବୃତ୍ତି ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ ବିଚାରକ ଭାବେ ଯୋଗଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଜୁଲାଇ ୨୫ରେ ଭଞ୍ଜକଳା ମଣ୍ଡପଠାରେ ସ୍ୱନକ୍ଷତ୍ର ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ସଚିବ ରାଉତ ପ୍ରକାଶ କରିଛନ୍ତି।

# ୨୨ରୁ ନିମାପଡ଼ା–ଭୁବନେଶ୍ୱର ରୁଟ୍‌ରେ ଘରୋଇ ବସ୍ ଚଳାଚଳ ବନ୍ଦ

ନିମାପଡ଼ା,୧୯।୭(ଡି.ଏନ୍.ଏ.)

## ‘ମୋ ବସ୍’କୁ ବିରୋଧ

- ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ନିଷ୍ପତ୍ତି ନେଲା ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ

ନିମାପଡ଼ା–ଭୁବନେଶ୍ୱର ରୁଟ୍‌ରେ ‘ମୋ ବସ୍’ ଚଳାଚଳକୁ ବିରୋଧ କରି ଆନ୍ଦୋଳନ ନିଷ୍ପତ୍ତି ନେଇଛି ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ। ଏହି ପରିପ୍ରେକ୍ଷୀରେ ସଂଘ ଶୁକ୍ରବାର ୨୨ ତାରିଖଠାରୁ ଉକ୍ତ ରୁଟ୍‌ରେ ସମସ୍ତ ଘରୋଇ ବସ୍ ଚଳାଚଳକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବ। ଏ ସମ୍ପର୍କରେ ସୂଚନା ଦେଇ ସଂଘ ସଭାପତି ବିଚିତ୍ରାନନ୍ଦ ଖଟୋଇ କହିଛନ୍ତି, ନିମାପଡ଼ା–ଭୁବନେଶ୍ୱର ରୁଟ୍‌ରେ ପରମିଟ୍ ନ ଥାଇ ବେଆଇନ ଭାବେ ମୋ ବସ୍ ଚଳାଚଳ କରୁଛି। ମୋ ବସ୍ ଚଳାଚଳ ଉପରେ ରୋକ୍ ଲଗା ନ ଗଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ। ଏହି ଆନ୍ଦୋଳନ ସମ୍ପର୍କରେ ସଂଘ ପକ୍ଷରୁ ପୁରୀ ଜିଲାପାଳ, ଏସ୍‌ପି, ନିମାପଡ଼ା ପୋଲିସ, ଏସ୍‌ଡିପିଓ ପ୍ରମୁଖଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ପରିବହନ ବିଭାଗ କମିଶନର, ଭୁବନେଶ୍ୱର ଓ ପୁରୀ ଆର୍‌ଟିଓ, ପୁରୀ ଜିଲାପାଳ, ନିମାପଡ଼ା ତହସିଲଦାର, ଆଇଆଇସିଙ୍କୁ ଏନେଇ ବାରମ୍ବାର ଅବଗତ କରାଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହି ବସ୍ ଧର୍ମଘଟ ଓ ଆନ୍ଦୋଳନକୁ ସ୍ଥାନୀୟ ଜନସାଧାରଣ, ପ୍ରଶାସନ, ଯାତ୍ରୀ ସହଯୋଗ କରିବାକୁ ବସ୍ ମାଲିକ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ୧୧ ବ୍ୟକ୍ତିତ୍ୱଙ୍କୁ ‘ଦୂରଦର୍ଶୀ ସମ୍ମାନ’

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ମାସିକ ପତ୍ରିକା ଦୂରଦର୍ଶୀର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ ମଙ୍ଗଳବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୁର୍ଗା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୧ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସୁରେନ୍ଦ୍ର ନାଥ ପଣ୍ଡା, ଅୟେଶକାନ୍ତ ମହାନ୍ତି, ସତ୍ୟବ୍ରତ ତ୍ରିପାଠୀ(କୁନା), ସଞ୍ଜୟ କୁମାର ଲାଠ, ରାଜଶେଖର ପରମାଣିକ, ଡ. ସଞ୍ଜୟ ଚୌଧୁରୀ, ପ୍ରଫେସର ଶଶାଙ୍କ ଚୂଡ଼ାମଣି, ଡ. ଦେବାଶିଷ ମଶ୍ର, ଗୌରଚନ୍ଦ୍ର ମହାପାତ୍ର, ମନୋଜ କୁମାର ବେହେରା ପ୍ରମୁଖଙ୍କୁ ଦୂରଦର୍ଶୀ ସମ୍ମାନ–୨୦୨୨ ପ୍ରଦାନ କରାଯାଇଥିଲା। ଏଥିସହ ପତ୍ରିକାର ସ୍ୱନକ୍ଷତ୍ର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।




ଦୂରଦର୍ଶୀର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ବିଶେଷାଙ୍କ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସ୍କୁଲରେ ଆୟୋଜନ ହେବ ମାଥ୍‌ମେଟିକ୍ସ ମେଳା

ଭୁବନେଶ୍ୱର,୧୯।୭(ବ୍ୟୁରୋ)

## ‘ମୋ ସ୍କୁଲ୍ ଅଭିଯାନ’ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

- ୧୩୧.୭୩ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ
- ସବୁ ରୂପାନ୍ତରିତ ହାଇସ୍କୁଲରେ ଇଣ୍ଟରନେଟ୍ ବ୍ୟବସ୍ଥା




ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବାକୁ ‘ମୋ ସ୍କୁଲ୍ ଅଭିଯାନ’ ଓଡ଼ିଶା ବିଜ୍ଞାନ ଏକାଡେମୀ ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସହ ମିଳିତ ଭାବରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛି। ସେହିଭଳି ପିଲାଙ୍କ ମଧରେ ଗଣିତ ପ୍ରତି ଉତ୍ସାହ ବୃଦ୍ଧି ପାଇଁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ ଆଣ୍ଡ୍ ଆପ୍ଲିକେସନ୍ସ ସହ କାର୍ଯ୍ୟ କରିବ ‘ମୋ ସ୍କୁଲ୍’। ଉଭୟ ଅନୁଷ୍ଠାନର ସହଯୋଗରେ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ମାଥ୍‌ମେଟିକ୍ସ ମେଳାର ଆୟୋଜନ କରାଯିବ। ଗଣିତ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ମଧ ଉଭୟ ମିଳିତ ଭାବରେ କାର୍ଯ୍ୟ କରିବେ। ଏନେଇ ‘ମୋ ସ୍କୁଲ୍ ଅଭିଯାନ’ର ୩୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୋମବାର ଭର୍ଚୁଆଲରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ‘ମୋ ସ୍କୁଲ୍ ଅଭିଯାନ’ ମାଧମରେ ରାଜ୍ୟରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ୨୬ ଜିଲାର ୧,୫୫୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ମୋଟ ୧୩୧ କୋଟି ୭୩ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ୩ୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଏବଂ ‘ମୋ ସ୍କୁଲ୍’ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୨୦୨୨–୨୩ ଆର୍ଥିକ ବର୍ଷରେ ‘ମୋ ସ୍କୁଲ୍ ଅଭିଯାନ’କୁ ୬୪୪ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପରେ ବଳକା ଥିବା ୪,୩୧୦ଟି ଉଚ୍ଚ ବିଦ୍ୟାଳୟରୁ ୩ୟ ପର୍ଯ୍ୟାୟରେ ୨,୧୫୯ଟି ହାଇସ୍କୁଲର ରୂପାନ୍ତରଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ରୂପାନ୍ତରିତ ହୋଇଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କୁ କୋଡିଂ ଶିକ୍ଷାଦାନ ଉଦ୍ଦେଶ୍ୟରେ ୧,୦୭୬ ହାଇସ୍କୁଲରେ କୋଡ୍ କ୍ଲବ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେକ ରୂପାନ୍ତରିତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା, ବଜ୍ରପାତରୁ ସୁରକ୍ଷା ପାଇଁ ଲାଇଟେନିଂ ଆରେଷ୍ଟର୍ ଏବଂ ଅଗ୍ନିନିର୍ବାପକ ଯନ୍ତ୍ର ଲଗାଯିବ। ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ରୂପାନ୍ତରିତ ହୋଇଥିବା ସମସ୍ତ ସ୍କୁଲ୍‌ରେ ଇଣ୍ଟରନେଟ୍ ସଂଯୋଗ କରାଯିବ। ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଯେପରି ପିଲାମାନେ ଇଣ୍ଟରନେଟ୍ ସୁବିଧା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦେବାକୁ ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ‘ମୋ ସ୍କୁଲ୍’ ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ବିଭାଗୀୟ ଆର୍ଥିକ ଉପଦେଷ୍ଟା ରତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରେଣୀଗୃହ ନାହିଁ, ଗଛତଳେ ପଢୁଛନ୍ତି ପିଲା

ଜଟଣୀ,୧୯।୭(ଡି.ଏନ୍.ଏ.)



ପିଲାମାନେ କିଭଳି ସୁରକ୍ଷିତ ଭାବେ ଶ୍ରେଣୀଗୃହରେ ବସି ପାଠ ପଢ଼ିବେ, ସେନେଇ ସରକାର ବିଭିନ୍ନ ଯୋଜନା କରିଛନ୍ତି। ତେବେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ମାନପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନ ଥିବାରୁ ୮ବର୍ଷ ହେବ ଛାତ୍ରୀଛାତ୍ର କେବେ ଅଙ୍ଗନୱାଡ଼ି କେନ୍ଦ୍ର ବାରଣ୍ଡାରେ ତ କେବେ ଗଛ ତଳେ ବସି ପଢୁଛନ୍ତି। ଏପରିକି ଗଛ ତଳେ ମଧ୍ୟ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଏନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନାଥାଉ କି, ୨୦୧୪ ଜୁନ ୨୩ରେ ମାନପୁର ପ୍ରକଳ୍ପ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଉକ୍ତ ସମୟରେ ନିଜସ୍ୱ ଘର ନ ଥିବାରୁ ଗ୍ରାମର କୋଠ ଘରେ ପ୍ରଥମେ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ନିକଟରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପରେ ୧୫ ଜୁନ୍ ୨୦୧୫ରେ କୋଠଘରୁ ସ୍କୁଲ ଉକ୍ତ ସ୍ଥାନକୁ ଆସିଥିଲା। ସକାଳ ୯ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି ଏବଂ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲୁଛି। ବର୍ତ୍ତମାନ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ୪ଜଣ, ଦ୍ୱିତୀୟରେ ୮, ତୃତୀୟରେ ୯ ଏବଂ ଚତୁର୍ଥ ଶ୍ରେଣୀରେ ୮ଜଣ ମୋଟ୍ ୨୯ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଦୁଇଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି।

### ଏମାନେ ଯାହା କୁହନ୍ତି...

“ ଜିଲାପାଳଙ୍କୁ ଅବଗତ କରାଯାଇଛି। ଗତ ଫେବୃୟାରୀରେ ସ୍କୁଲ ଜମିର ପଟ୍ଟା ପାଇଁ ଆବେଦନ କରାଯାଇଥିଲା। ଜଙ୍ଗଲ ଜମି ହୋଇଥିବାରୁ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ସରକାର ଜମି ଯୋଗାଇ ଦେଲେ ସ୍କୁଲ ଘର ନିର୍ମାଣ ହେବାର ବାଟ ଫିଟିବ।

**- ରଶ୍ମିବାଳା ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ**

“ ଉପଯୁକ୍ତ ଭିତ୍ତିଭୂମି ନ ଥାଇ ସ୍କୁଲ ପରେ ସ୍କୁଲ ଖୋଲାଯାଉଛି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସରକାର ପ୍ରଥମେ ଉପଯୁକ୍ତ ବ୍ୟବସ୍ଥା କରି ସ୍କୁଲ ଖୋଲିଲେ ସମସ୍ତେ ଉପକୃତ ହୋଇପାରିବେ।

**- ବିମଳ କୁମାର ବେହେରା, ସାମାଜିକ କର୍ମୀ**

“ ଗ୍ରାମ ଓ ବିଦ୍ୟାଳୟ କମିଟି ପକ୍ଷରୁ ସମସ୍ୟା ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଛି। ଜଙ୍ଗଲ ଜମି ଯୋଗୁ ଏପର୍ଯ୍ୟନ୍ତ ପଟ୍ଟା ମିଳି ପାରୁନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ କରିବା ଜରୁରୀ ହୋଇପଡ଼ିଛି।

**ଶରତ ନାୟକ, ମାନପୁର ୱାର୍ଡସଭ୍ୟଙ୍କ ସ୍ୱାମୀ**

“ ପିଲାମାନେ ଅଙ୍ଗନୱାଡ଼ି କେନ୍ଦ୍ର ବାରଣ୍ଡା ଓ ଗଛ ତଳେ ବସି ପାଠ ପଢୁଛନ୍ତି। ଏପରିକି ସ୍କୁଲକୁ ଯିବା ପାଇଁ ଭଲ ରାସ୍ତା ମଧ୍ୟ ନାହିଁ। ପିଲାମାନେ ସ୍କୁଲକୁ ଯିବାକୁ ରାଜି ହେଉ ନାହାନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ।

**- ଜାନକୀ ନାୟକ, ସ୍ଥାନୀୟ ବାସିନ୍ଦା**

## ସଂକ୍ଷେପରେ

### ସାପ କାମୁଡ଼ାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

**କୃଷ୍ଣପ୍ରସାଦ,୧୯।୭(ଡି.ଏନ୍.ଏ.):** ସାପ କାମୁଡ଼ାରେ ମଙ୍ଗଳବାର ଜଣେ ସାମାଜିକ କର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ତିତିପ ଗ୍ରାମର ଉଦୟନାଥ ଜେନା(୫୧)। ମିଳିଥିବା ସୂଚନା ମୁତାବକ, ଉଦୟନାଥ ଘରେ ଶୋଇଥିବା ବେଳେ ମଙ୍ଗଳବାର ଭୋର ୪ଟାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜିଲାପାଳଙ୍କ ସହ ଆଲୋଚନା କରାଯିବ



**ନିରାକାରପୁର,୧୯।୭(ଡିଏନ୍.ଏ.):** ଲଗାଣ ବର୍ଷା ଯୋଗୁ ଜଳସ୍ତର ବଢ଼ିବା ସହ ପ୍ରଖର ସ୍ରୋତ ଥିବାରୁ ରାମେଶ୍ୱରସ୍ଥିତ ଥିବା ମଲାଗୁଣି ନଦୀ ବ୍ୟାରେଜର ୫ନମ୍ବର ଗେଟ ଭାଙ୍ଗିଯାଇଥିଲା। ଫଳରେ ମଶାଣିଆ ନଦୀବନ୍ଧ ରାସ୍ତାରେ ୧୮ଫୁଟରୁ ଉର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇଥିଲା। ପ୍ରାୟ ୧୫ ପଞ୍ଚାୟତର ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ହଇରାଣ ହୋଇଥିଲେ। ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏନେଇ ଖୋର୍ଦ୍ଧା ଜିଲାପାଳଙ୍କ ସହ ଆଲୋଚନା କରାଯାଇ ସ୍ଥାୟୀ ସାମଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଜେଡି ରାଜ୍ୟ ମହିଳା ଉପସଭାପତି ମହାପାତ୍ର କହିଛନ୍ତି।

### ୪୬ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ/ନିରାକାରପୁର,୧୯।୭ (ଡି.ଏନ୍.ଏ.):** ବିଜେଡିର ୨୫ବର୍ଷ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତଠାରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା-ମୋ ପରିବାର ଆବାହକ ଅରୂପ ମୋହନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୪୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ, ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ଡିଜିଟାଲ ମିଡିଆ କୋର୍ଡିନେଟର ଗୌତମ ମିଶ୍ର ସଂଯୋଜନା କରିଥିଲେ। ସ୍ଥାନୀୟ ସରପଞ୍ଚ ସୌରଭ ଦାସମହାପାତ୍ର, ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଜିଲା ସଭାନେତ୍ରୀ ଗୀତାଞ୍ଜଳି ପାଟଶାଣୀ, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥ ଶର୍ମା, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂ, ଯୁବନେତା ସର୍ଦ୍ଦାର ଖାନ୍, ପ୍ରଭାତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ୯୦ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

ପୁରୀ ଅଫିସ/ଗୋପ, ୧୯।୭(ଡି.ଏନ୍.ଏ.)

ବ୍ରାଉନସୁଗାର କାରବାର ଅଭିଯୋଗରେ ପୁରୀ ତାଳବଣିଆ ଥାନା ପୋଲିସ ଜଣଙ୍କୁ ଓ ଅବକାରୀ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରାଯାଇଛି। ପୁରୀରୁ ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡା ଥାନାର ପତିତପାବନ ଲେନ୍‌ର କାଉ ଓରଫ ଅମିତାଭ ପ୍ରଧାନ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୦ଗ୍ରାମ ବ୍ରାଉନସୁଗାର, ଗୋଟିଏ ମୋବାଇଲ ଏବଂ ୧୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୯୬/୨୨ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ପୋଲିସକୁ ସୂଚନା ମିଳିଥିଲା ଜଣେ ବ୍ରାଉନସୁଗାର ବେପାରୀ ହୁଲୁହୁଲିଆ ପୋଲ ନିକଟରେ ବ୍ରାଉନସୁଗାର ବିକ୍ରି କରିବାକୁ ଆସୁଛନ୍ତି। ତାଳବଣିଆ ଥାନା ଏସ୍‌ଆଇ ପି.କେ. ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ଉକ୍ତ ଅଞ୍ଚଳରେ ଜଗି ରହି ଅଭିଯୁକ୍ତ କାଉ ଆସିବା ପରେ କାବୁ କରିଥିଲେ। ପୁରୀ ଅବକାରୀ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢାଉ କରାଯାଇ ୮୦ ଗ୍ରାମ୍ ବ୍ରାଉନସୁଗାର ଜବତ ସହିତ ୨ଜଣଙ୍କୁ ଗିରଫ କରିଥିଲା।

# ବିନା ମୂଲ୍ୟରେ ଜମି ଦେବେ ସରକାର, ସବୁଠି ଖୁସି

ଖୋର୍ଦ୍ଧା ଅଫିସ,୧୯।୭

### ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମଉଜା ବରୁଣେଇ ପାହାଡ ପାଦଦେଶରେ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ନିର୍ମାଣ ସ୍ମାରକୀ ପାଇଁ ରାଜ୍ୟ ସରକାର ୯ ଏକର ୬୮୫ ଡିସିମିଲି ସରକାରୀ ଜମିକୁ ମାଗଣାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଯୋଗାଇ ଦେବେ। ଏଥପାଇଁ ରାଜ୍ୟ ସରକାର ୩୧କୋଟି ୯୭ ଲକ୍ଷ ୬୨ ହଜାର ୯୩୪ ଟଙ୍କା ଛାଡ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଙ୍ଗଳବାର କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ପାଇକ ସଙ୍ଗଠନ, ସାମାଜିକ ଅନୁଷ୍ଠାନ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏନେଇ ସମ୍ପୃକ୍ତ ଅନୁଷ୍ଠାନଗୁଡିକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କଳିଙ୍ଗ ପାଇକ ସଙ୍ଗଠନ ଉପଦେଷ୍ଟା ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ, ରମଜାନ ଖାଁ, ଅଟଳ ସାମନ୍ତ, ଗତିକୃଷ୍ଣ ଉତ୍ତର କବାଟଙ୍କ ସମେତ ଅନ୍ୟ ସଦସ୍ୟ, ତାପଙ୍ଗ ଦଳବେହେରା ସ୍ମୃତିକମିଟି ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ,ଖୋର୍ଦ୍ଧା ନାଗରିକ ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଗବେଷକ ଗୋପାଳ କୃଷ୍ଣ ଦାସ, ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ, ଖୋର୍ଦ୍ଧା ବିକାଶ ପରିଷଦ ସଭାପତି ଶକ୍ତିଶଙ୍କର ମିଶ୍ର, ଶୋଭନ ଘୋଷ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ଓଡ଼ିଶା ବୀର ମହାସଂଘ ସମ୍ପାଦକ ଦିଲୀପ ଶ୍ରୀଚନ୍ଦନ, ରାଜ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଥାଉ କି, ବୀର ମହାସଂଘ ଉପରୋକ୍ତ ଦାବି ନେଇ ବରୁଣେଇ ପାଦଦେଶରୁ ୩ଥର ବିଶାଳ ପାଇକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱରରେ ରାଲି, ସମାବେଶ ଆଦି ଆୟୋଜନ କରିଥିଲେ। ସେହିପରି ପାଇକ ଫାଉଣ୍ଡେଶନର ସଭାପତି ସତ୍ୟ ନାରାୟଣ ବିଶୋଇ, ସରୋଜ ପାଲାଟାସିଂ, କବିରାଜ ପ୍ରଧାନ, ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ରଞ୍ଜିତ କେଏନ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ଗୋପାଳକୃଷ୍ଣ ଦାସ, ଲଳିତ ମୋହନ ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଥାଉ କି, ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ।

## ୨ ବିଦ୍ୟାଳୟରେ ଲାଗିଲା ସିସିଟିଭି

ଜଟଣୀ,୧୯।୭(ଡି.ଏନ୍.ଏ.)



ପିଲାମାନଙ୍କର ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଲ୍‌ୱେ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଉତ୍କଳ ପବ୍ଲିକ୍ ସ୍କୁଲ ଏବଂ ଶ୍ରୀଜନକୁଞ୍ଜ ସଙ୍ଗୀତ ବିଦ୍ୟାଳୟରେ ସିସି ଟିଭି ଲଗାଯାଇଛି। ସଂଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ସିସି ଟିଭି ସିଷ୍ଟମକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧାରୋଡ୍ ମଣ୍ଡଳର କଲ୍ୟାଣ କାର୍ଯ୍ୟ ଅଧୀନରେ ଉଭୟ ବିଦ୍ୟାଳୟ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ ଦ୍ୱାରା ପରିଚାଳିତ ହେଉଛି। ଶ୍ରୀଜନକୁଞ୍ଜ ସଙ୍ଗୀତ, କଳା ଏବଂ ସଂସ୍କୃତି ବିଦ୍ୟାଳୟ, ଉତ୍କଳ ପବ୍ଲିକ୍ ସ୍କୁଲ୍‌ରେ ଲୋୟର କିଣ୍ଡର ଗାର୍ଡେନ୍ (LKG)ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଉତ୍କଳ ପବ୍ଲିକ୍ ସ୍କୁଲରେ ୬ଟି ସିସି ଟିଭି ଏବଂ ଶ୍ରୀଜନକୁଞ୍ଜ ସଙ୍ଗୀତ ବିଦ୍ୟାଳୟରେ ୨ଟି ସିସି ଟିଭି ଲଗାଯାଇଥିଲା। ଏହି ବ୍ୟବସ୍ଥା ବିଦ୍ୟାଳୟ ପରିସରର କାର୍ଯ୍ୟକଳାପ ଉପରେ ନଜର ରଖିବାରେ ସାହାଯ୍ୟ କରିବ। ସେହିପରି ପିଲାଙ୍କ ସୁରକ୍ଷା ଉପରେ ଦୃଷ୍ଟି ରଖିବା ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିରେ ସୀମା ପନ୍‌ର୍, ମହିଳା କଲ୍ୟାଣ ସଂଗଠନ ଉପ-ସଭାନେତ୍ରୀ ପଲ୍ଲବୀ ଚୌହାନ, ମହିଳା କଲ୍ୟାଣ ସଂଗଠନର ସଚିବ ଏବଂ ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ବୋଲଗଡ ଏବଂ ଜଟଣୀଠାରେ ଅନୁଷ୍ଠିତ ବିକ୍ଷୋଭ ପ୍ରଦର୍ଶନ।

# ରୁଚିକାଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ/ବୋଲଗଡ଼/ଜଟଣୀ, ୧୯।୭(ଡି.ଏନ୍.ଏ.)

ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ ରୁଚିକା ମହାନ୍ତି ରାଗିଂ ସହି ନ ପାରି ହଷ୍ଟେଲରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ରୁଚିକାଙ୍କୁ ନ୍ୟାୟ ଦାବିରେ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟା ଓଡ଼ିଶା ବନ୍ଦ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ବିଭିନ୍ନ ଛକ ସ୍ଥାନରେ ପିକେଟିଂ କରିଥିଲେ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ସୁରେଶ କୁମାର ମାନସିଂ ଦାବି କରିଛନ୍ତି। ମଦନମୋହନ ସାହୁ, ଶ୍ରୀକାନ୍ତ ମହାରଣାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ସେହିପରି ବୋଲଗଡ଼ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପରମାନନ୍ଦ କଲେଜ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ପରେ ବ୍ଲକ ସମ୍ମୁଖରେ ପିକେଟିଂ କରିବା ସହ ତହସିଲ ଛକ ଜାତୀୟ ରାଜପଥରେ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସହ ସଂଯୋଜକ କାହ୍ନୁ ଚରଣ ବେହେରା, ସୋମନାଥ ମହାପାତ୍ର, ସୁମନ୍ତ ବେହେରା, ସାଧୁଚରଣ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ବେହେରା ସାମିଲ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଧୋବେଇ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଜଟଣୀ ସହରରେ ବାଇକ୍ ରାଲି ସହ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା।

## ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା, ମିଳିଲାନି ମୋବାଇଲ

ବାଲିପାଟଣା,୧୯।୭(ଡିଏନ୍.ଏ.)

### ଆଶିଷ ଓଝା ହତ୍ୟା ଘଟଣା

ବାଲିପାଟଣା ଥାନା ଅଧୀନ ଶିଶିଲୋ ଗ୍ରାମର ଆଶିଷ ଓଝା ଓରଫ ବବୁଲଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଗତ ୧୧ ତାରିଖରେ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରାଜକିଶୋର ଦାସ ଓରଫ ରାଜା, ଦୁର୍ଯ୍ୟୋଧନ ବେହେରା ଓ ରାକେଶ ସେଠୀ। ତେବେ ହତ୍ୟା ସମ୍ପର୍କିତ ଅଧିକ ତଥ୍ୟ ପାଇଁ ସୋମବାର ପୋଲିସ ଅଭିଯୁକ୍ତମାନଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ତେବେ ହତ୍ୟାକାଣ୍ଡ ଘଟଣା ପର ଠାରୁ ଆଶିଷଙ୍କ ମୋବାଇଲ ଫୋନ ମିଳି ନ ଥିବା ବେଳେ ପଚରାଉଚୁରା ସମୟରେ ହତ୍ୟା ଘଟଣାସ୍ଥଳ ବୋଧଖଣ୍ଡି ଗାଁ ନିକଟ ଧନୁଆ ନଦୀରେ ଫିଙ୍ଗି ଦେଇଥିବା ଅଭିଯୁକ୍ତମାନେ କହିଥିଲେ। ମଙ୍ଗଳବାର ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ମୋବାଇଲର ସନ୍ଧାନ ପାଇ ନ ଥିଲେ। ଅନ୍ୟପଟେ ରିମାଣ୍ଡ ଅବଧି ସରିଥିବାରୁ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିଥିଲା। ସୂଚନାଥାଉ କି, ଶିଶିଲୋ ଗ୍ରାମର ଜଣେ ଯୁବତୀଙ୍କୁ ରାଜା ଏକତରଫା ଭାବେ ଭଲ ପାଉଥିଲା। ତେବେ ରାଜାଙ୍କ ଭଲପାଇବାକୁ ଯୁବତୀଙ୍କ ଭାଇ ଆଶିଷ ବିରୋଧ କରିବା ସହ ଦୁଇ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ହଠାତ୍ ସମ୍ପୃକ୍ତା ଯୁବତୀଙ୍କ ବାହାଘର କଥା ଶୁଣି ରାଜା ବିଚଳିତ ହୋଇଉଠିଥିଲେ। ପରେ ରାଜା ପ୍ରତିଶୋଧ ପରାୟଣ ହୋଇ ଆଶିଷଙ୍କୁ ଜୀବନରେ ମାରିଦେବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ସମ୍ପୃକ୍ତା ଯୁବତୀଙ୍କ ବିବାହର ପୂର୍ବଦିନ ସନ୍ଧ୍ୟାରେ ଅଭିଯୁକ୍ତମାନେ ଆଶିଷଙ୍କୁ ମାଡ଼ ମାରିବା ସହ ଗାମୁଛାରେ ବେକ ଚିପି ହତ୍ୟା କରି ବିଲରେ ଫିଙ୍ଗି ଦେଇଥିଲେ।

# ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଡେଲାଙ୍ଗ,୧୯।୭(ଡି.ଏନ୍.ଏ)

ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରଛି। ଅଭିଯୁକ୍ତ ହେଲେ ମାଛପଡା ଅଞ୍ଚଳର ମନୋରଞ୍ଜନ ପ୍ରଧାନ। ଘଟଣା ଅନୁଯାୟୀ, ନାବାଳିକା ଜଣକ ତାଙ୍କ ମାମୁଘରେ ରହି +୨ ପ୍ରଥମ ବର୍ଷରେ ପାଠ ପଢୁଥିଲେ। ଗତମାସ ୧୭ ତାରିଖ ସକାଳ ୭ଟାରୁ କଲେଜ ଯିବା ପାଇଁ ଘରୁ ଆସି ସେ କଲେଜ ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜି ମଧ୍ୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ କିଛିଦିନ ପୂର୍ବେ ଅଭିଯୁକ୍ତଙ୍କ ମା ନାବାଳିକାଙ୍କ ଘରୁ ଆସି ତାଙ୍କ ପରିବାର ଲୋକଙ୍କୁ ପୁଅ ସହିତ ଉକ୍ତ ଝିଅର ବିବାହ କରାଅ, ନ ହେଲେ ଝିଅକୁ ମୋ ପୁଅ ଉଠାଇନେବ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଝିଅର ଅପହରଣ ସହ ଉକ୍ତ କଥା ଥାନାରେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୬୭/୨୨ରେ ମାମଲା ରୁଜୁ କରିତଦନ୍ତ ଚଳାଇଥିଲା।



ରାଷ୍ଟ୍ରୀୟ ନେତ୍ରଜ୍ୟୋତି ଅଭିଯାନ ଲାଗି ମଙ୍ଗଳବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

# ‘ଶିକ୍ଷକ ସମାଜର ପଥ ପ୍ରଦର୍ଶକ’

ଖୋର୍ଦ୍ଧା ଅଫିସ,୧୯।୭



### ଓଷ୍ଟାର ୯ମ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

ଖୋର୍ଦ୍ଧା ଜିଲା ଓଷ୍ଟାର ୯ମ ସମ୍ମିଳନୀ ଦେବରାଜ ବିଦ୍ୟାପୀଠ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ପ୍ରଦୀପ ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ ମୁଖ୍ୟ ଅତିଥି, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ଦାଶ, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ବିନାୟକ ପରିଡ଼ା, ମଧୁସୁଦନ ଦେ, ରମାକାନ୍ତ ମହାପାତ୍ର, ଶିଶିର ଦାଶ, ସନ୍ତୋଷ ଭଞ୍ଜ, ପ୍ରଦୀପ ପ୍ରଧାନ, ମୟୂରଭଞ୍ଜ ଜିଲା ଓଷ୍ଟା ସମ୍ପାଦକ ଚିତ୍ତରଞ୍ଜନ ପଳତା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗ ନେଇ ଓଷ୍ଟା କାର୍ଯ୍ୟ କରୁଛି। ଏଥିସହ ରକ୍ତଦାନ ଶିବିର, ଚାରାରୋପଣ, ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଶିକ୍ଷକ ସମାଜର ପଥପ୍ରଦର୍ଶକ। ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ, ବିଦ୍ୟାଳୟର ଗୌରବ ବଢ଼ିବ। ଉତ୍ତମ ଛାତ୍ର ଗଠନରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଅମ୍ବିକା ପ୍ରସାଦ ପଟ୍ଟନାୟକ ସଭାପତି, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର କାର୍ଯ୍ୟକାରୀ ସଭାପତି, ପ୍ରକାଶ ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ସୁରେଖା ରଣା ଉପସଭାପତି ଏବଂ ସୁଧାକାର ମହାପାତ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏଥିସହ ଘନଶ୍ୟାମ ସ୍ୱାଇଁ, ଶ୍ରୀହରି ମାଳି, ନମିତା ବିଶୋଇ ଯୁଗ୍ମ ସମ୍ପାଦକ, ନିରଞ୍ଜନ ସାହୁ କାର୍ଯ୍ୟକାରୀ ସମ୍ପାଦକ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁନିଲ ପଣ୍ଡା, ପ୍ରମୋଦ ସ୍ୱାଇଁ, କିଶୋର ଚନ୍ଦ୍ର ସୁବୁଦ୍ଧି, ଆଶିଷ ପତି, କୈଳାଶ ଚନ୍ଦ୍ର ତ୍ରିପାଠୀ, ସନ୍ତୋଷ ସାହୁ, ପ୍ରବୀର ପଣ୍ଡା, ରଞ୍ଜିତ ସ୍ୱାଇଁ, ବିଶ୍ୱନାଥ ମଙ୍ଗରାଜ, ତ୍ରିନାଥ ହୋତା ଏବଂ ଉପଦେଷ୍ଟା ଭାବେ ସନ୍ତୋଷ ଚନ୍ଦ୍ର କର, ଉପେନ୍ଦ୍ର ନାଥ ଦାଶ ପ୍ରମୁଖ ମନୋନୀତ ହୋଇଛନ୍ତି।

**ବୁଥସ୍ତରରେ ଦଳକୁ ମଜଭୁତ କର**

ବାଙ୍କୀ,(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଯୁବ କଂଗ୍ରେସର ସାଙ୍ଗଠାନିକ ବୈଠକ ମଙ୍ଗଳବାର ଡମପଡ଼ା ଗଜଲକ୍ଷ୍ମୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ.ସ୍ମିତିରଞ୍ଜନ ଲେଙ୍କା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ବୁଥସ୍ତରରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଡମପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ କର୍ମଚାରୀମାନେ ଜନତାଙ୍କୁ ସେବା ଦେବାରେ ଅବହେଳା କରୁଛନ୍ତି। ଏନେଇ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ଡମପଡ଼ା ବ୍ଲକ ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କ ଅଧକ୍ଷତାରେ ବାଙ୍କୀ ବ୍ଲକ ଯୁବ କଂଗ୍ରେସ ସଭାପତି ବିଭୂତିଭୂଷଣ ଦଳସିଂହ ରାୟ, ସୋମନାଥ ପଣ୍ଡା, ସୁଶିଲ ନନ୍ଦ, ପବିତ୍ର ମୋହନ ଦାଶ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ପାଇଁ ବିଜ୍ଞପ୍ତି

**କଟକ ସଦର,୧୯।୭(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧକ୍ଷ ଉପନିର୍ବାଚନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୭ ତାରିଖରେ ବ୍ଲକ ସମ୍ମିଳନୀ କକ୍ଷରେ ସତନ୍ତ୍ର ବୈଠକ ହେବ। ଏଥିରେ ସମିତି ସଭ୍ୟା ସଭ୍ୟମାନେ ଉପସ୍ଥିତ ରହିବା ପାଇଁ କୁହାଯାଇଛି। ସେହିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଅଧିକାରୀ ଭାବେ ବାରଙ୍ଗ ତହସିଲଦାର ଶଙ୍କଳ୍ପ ସ୍ୱସ୍ତିକ ସାହୁଙ୍କୁ କଟକ ଜିଲାପାଳ ନିଯୁକ୍ତି ଦେଇଛନ୍ତି। ଗତ ୬ ତାରିଖରେ ଅଧକ୍ଷ ନିର୍ବାଚନ ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ସଭ୍ୟ ବୈଠକକୁ ଆସି ନ ଥିଲେ। ଫଳରେ ନିର୍ବାଚନ ବନ୍ଦ ହୋଇଥିଲା। ଏବେ ଦ୍ୱିତୀୟଥର ବିଜ୍ଞପ୍ତି ପ୍ରକାଶ ପାଇଛି। ଏପ୍ରିଲ ୨୧ରେ ଅଧକ୍ଷା ବିଷ୍ଣୁପ୍ରିୟା ରାଉତଙ୍କ ବିୟୋଗ ଯୋଗୁ ପଦବୀ ଖାଲି ପଡ଼ିଛି।

### ଭେଣ୍ଡିଂ ଜୋନ୍‌ରେ ଥଇଥାନ ପାଇଁ ମେୟର, କମିଶନରଙ୍କୁ ଦାବି

**କଟକ ଅଫିସ,୧୯।୭:** ନୂଆବଜାର ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ବହୁ ଉଠା ଦୋକାନକୁ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରୁଥିବା ଉଠା ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ସଭାପତି ପ୍ରକାଶ ଦାଶଙ୍କ ନେତୃତ୍ୱରେ ବହୁ ଉଠାଦୋକାନୀ ସିଏମ୍‌ସି ମେୟର ସୁବାସ ସିଂ ଏବଂ କମିଶନର ନିଖିଳ ପଞ୍ଚନ କଲ୍ୟାଣଙ୍କୁ ମଙ୍ଗଳବାର ବିଜୁ ଭବନଠାରେ ଭେଟିଥିଲେ। ଭେଣ୍ଡିଂ ଜୋନ୍‌ରେ ନୂଆବଜାର ଅଞ୍ଚଳର ମାଛ ବ୍ୟବସାୟୀ ଓ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ସେମାନେ ଦାବି କରିଥିଲେ। ଆଲୋଚନାରେ ନୂଆବଜାର ଭେଣ୍ଡିଂ ଜୋନ୍ ସମ୍ପାଦକ ଶ୍ରୀଧର ବେହେରା, ନୂଆବଜାର ପୂଜା କମିଟି ସମ୍ପାଦକ ଉମେଶ ସାହୁ, ଜିତେନ୍ଦ୍ର ବେହେରା, ବିସନ ମହାନ୍ତି, ଟିଙ୍କିନା ବେହେରା ଉପସ୍ଥିତ ଥିଲେ।

### ଚୋରି ବାଇକ୍ ଜବତ, ଜଣେ ଗିରଫ

**ନିଶ୍ଚିନ୍ତକୋଇଲି,୧୯।୭(ସ୍ୱ.ପ୍ର.):** ଗତ ୧୫ ତାରିଖ ରାତିରେ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମର ଉମେଶ ଚନ୍ଦ୍ର ସାହୁଙ୍କ ଏକ ବାଇକ୍ ଚୋରି ହୋଇଥିଲା। ସେହି ବାଇକ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ବଡକ୍ଷୀର ଗ୍ରାମର ବିକାଶ ଦାସଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଉମେଶଙ୍କ ବାଇକ୍ (ନଂ ଓଡି୦୫ଏୱାଇ ୬୩୭୦)କୁ ନତକାଇ ଗ୍ରାମର ଗଙ୍ଗାଧର ବେହେରା ନେଇ ନିଶ୍ଚିନ୍ତକୋଇଲି ହାଟ ନିକଟସ୍ଥ ଶନିମଠ ନିକଟରେ ରଖିଥିବାବେଳେ ଚୋରି ହୋଇଯାଇଥିଲା।

### ବରିଷ୍ଠ ଗାୟକ ରମେଶ ରାଉତଙ୍କ ପରଲୋକ

**ଆଠଗଡ଼,୧୯।୭:** ଉତ୍ତର ବାଙ୍କୀ ବ୍ଲକର ବରିଷ୍ଠ ବାୟକ ଗୁରୁ ରମେଶ ଚନ୍ଦ୍ର ରାଉତ(୬୭)ଙ୍କ ସୋମବାର ରାତିରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଶ୍ୱାସ ଏବଂ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଆଠଗଡ଼ ଶ୍ରୀଶ୍ରୀ ଧବଳେଶ୍ୱର ପାଲାକାର ସଂଘ, ବାଙ୍କୀ ଚର୍ଚ୍ଚିକା ପାଲା ମଣ୍ଡଳର ବରିଷ୍ଠ ସଦସ୍ୟ ଓ ଅଞ୍ଚଳର ବହୁ କଳାକାର ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଗଣେଶ ମୁଖାଗ୍ନି ଦେଇଥିଲେ।

### ଡିଆଇପିଆର୍‌ଓଙ୍କ ମାତୃ ବିୟୋଗ

**କଟକ ଅଫିସ, ୧୯।୭:** କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଲଲାଟେନ୍ଦୁ ମହାପାତ୍ରଙ୍କ ମାତା ଉମା ମହାପାତ୍ର(୮୪)ଙ୍କର ସୋମବାର ପୁରୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଉମାଙ୍କ ଆତ୍ମାର ସଦ୍‌ଗତି ଲାଗି ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ କଟକ ସଦର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ, ଉପବିଭାଗୀୟ ଅଧିକାରୀ ବିଶ୍ୱମୋହନ ମହାପାତ୍ର, ପ୍ରକ୍ଷେପକ ଦିଲ୍ଲୀପ କୁମାର ସିହ୍ନା, କନିଷ୍ଠ ରାଜସ୍ୱ ସହାୟକ ଶିବ ପ୍ରସାଦ ମହାନ୍ତି, ଗ୍ରନ୍ଥାଗାରିକ ତାପସ କୁମାର ଓଝା, ଆକାଶ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ।

# ଇ-ୱେଷ୍ଟ ଟେଣ୍ଡର ଖୋଲିଲା, ଆବେଦନ ଶୂନ

**କଟକ ଅଫିସ,୧୯।୭**

- ୨୮ ତାରିଖ ଯାଏ ବଢ଼ିଲା ଅବଧି
- ଏମ୍‌ଆର୍‌ଏଫ୍‌ରେ କୁଢ଼କୁଢ଼ ଇ-ୱେଷ୍ଟ

ଦୈନିକ ସହରରୁ ବହୁ ପରିମାଣରେ ଇ-ୱେଷ୍ଟ (ଇଲୋଟ୍ରୋନିକ୍ସ ବର୍ଜ୍ୟବସ୍ତୁ) ବାହାରୁଛି। ହେଲେ ଏହାକୁ ବିକ୍ରି କରିପାରୁନି କଟକ ମହାନଗର ନିଗମ(ସିଏମ୍‌ସି)। ସହରରୁ ବାହାରୁଥିବା ଇ-ୱେଷ୍ଟକୁ ବିକ୍ରି କରିବାକୁ ଯୋଜନା କରିଥିଲା ସିଏମ୍‌ସି। ଏଥିପାଇଁ ଟେଣ୍ଡର ମଧ୍ୟ ଡକାଯାଇଥିଲା। ହେଲେ ସିଏମ୍‌ସି ପକ୍ଷରୁ ଡକାଯାଇଥିବା ଏହି ଟେଣ୍ଡରରେ କୌଣସି ଘରୋଇ ସଂସ୍ଥା ଇଚ୍ଛା ପ୍ରକାଶ କରୁ ନ ଥିବା ଜଣାପଡିଛି। ମଙ୍ଗଳବାର ଏହି ଟେଣ୍ଡର ଖୋଲାଯାଇଥିଲେ ମଧ୍ୟ କୌଣସି ସଂସ୍ଥା ଏଥିପାଇଁ ଆବେଦନ କରିନାହାନ୍ତି। ତେଣୁ ସିଏମ୍‌ସି ପୁଣିଥରେ ଟେଣ୍ଡର ଆବେଦନ ନିମନ୍ତେ ୧୦ଦିନ ସମୟ ବୃଦ୍ଧି କରିଛି। ଘରୋଇ ସଂସ୍ଥାକୁ କିଲୋ ପ୍ରତି ନିର୍ଦ୍ଦିଷ୍ଟ ମୂଲ୍ୟରେ ଇ-ୱେଷ୍ଟ ବିକ୍ରି କରାଯାଇଥାନ୍ତା। ଇ-ୱେଷ୍ଟ ପରିଚାଳନା ଉପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ତେବେ ଗତବର୍ଷ ଅଗଷ୍ଟ ୧୪ରୁ ସହରରେ ଏହି ଇ-ୱେଷ୍ଟ ସଂଗ୍ରହ ଆରମ୍ଭ ହୋଇଥିଲା। ପ୍ରତି ଶନିବାର ସହରାଞ୍ଚଳରେ ଇ-ୱେଷ୍ଟ ସଂଗ୍ରହ କରିବା ପାଇଁ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସିଏମ୍‌ସି କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ, ପ୍ରତି ଶନିବାର ସହରରେ ଇ-ବର୍ଜ୍ୟବସ୍ତୁ ତଥା ଅଦରକାରୀ ଅଚଳ ଟିଭି, ତାର, କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାନ, ବିଦ୍ୟୁତ୍ ବଲ୍‌ବ ଆଦି ସଂଗ୍ରହ ଅଭିଯାନ ଚାଲିଲା। ଏହାକୁ ସଂଗ୍ରହ କରାଯାଇ ସିଏମ୍‌ସିର ୩ଟି ମ୍ୟାଟେରିଆଲ ରିକୋଭରି ଫାସିଲିଟି(ଏମ୍‌ଆର୍‌ଏଫ୍)ରେ ରଖାଗଲା। ଫଳରେ ସେଠାରେ କୁଢ଼କୁଢ଼ ଇ-ୱେଷ୍ଟ ଗଦା ହେଲା। ତେବେ ୩ଟି ଏମ୍‌ଆର୍‌ଏଫ୍‌ରୁ ୨୫୦ କୁଇଣ୍ଟାଲ ଇ-ୱେଷ୍ଟ ରଖାଯାଇଥିବାବେଳେ ଏହାକୁ ବିକ୍ରି କରିବାକୁ ସିଏମ୍‌ସି ନିଷ୍ପତ୍ତି ନେଇଥିଲା। ଚୌଧୁରୀ ବଜାରସ୍ଥିତ ସିଏମ୍‌ସି ବିଜୁ ଭବନ ଏମ୍‌ଆର୍‌ଏଫ୍‌ରେ ପ୍ରାୟ ୧୫ଶହ କେଜି, ନାକେଇପଡିଆ ଏମ୍‌ଆର୍‌ଏଫ୍‌ରେ ୫ଶହ କେଜି ଓ ପୋତାପୋଖରୀ ଏମ୍‌ଆର୍‌ଏଫ୍‌ରେ ୫ଶହ କେଜି ଇ-ୱେଷ୍ଟ ରହିଛି। ଏହାକୁ ବିକ୍ରି କରିବାକୁ ସିଏମ୍‌ସି ପକ୍ଷରୁ ଗତ ଜୁନ ୩୦ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ୧୮ରେ ଏହାର ଆବେଦନ ଶେଷ ହୋଇଥିଲା। ତେବେ ଏଥିପାଇଁ କେହି ଆବେଦନ କରି ନ ଥିବାରୁ ଏହାର ସମୟ ଅବଧି ବୃଦ୍ଧି କରାଯାଇଛି । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଘରୋଇ ସଂସ୍ଥାଗୁଡିକ ଆବେଦନ କରିପାରିବେ ବୋଲି ସିଏମ୍‌ସି ଡେପୁଟି କମିଶନର ସବିତା ରାୟ ସୂଚନା ଦେଇଛନ୍ତି।



ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାର ନ୍ୟାୟ ଦାବି ନେଇ ମଙ୍ଗଳବାର ଓଡ଼ିଶା ବନ୍ଦ ଡାକରାରେ ଆଠଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମାଛ ମଡ଼କରେ ମହାନଦୀ ପାଣି ଦୂଷିତ

**ଚୌଦ୍ୱାର,୧୯।୭(ଡି.ଏନ.ଏ)**


ମାଛ ମଡ଼କ ପଡ଼ିଛି।

ପୁରୁଣା କଟକ ସମ୍ବଲପୁର ରାସ୍ତାର କୟଲପଡା ପଞ୍ଚାୟତ ଡିହସାହି ନିକଟରେ ମହାନଦୀକୁ ସଂଯୋଗ କରୁଥିବା ସିଙ୍ଗିଲଯୋର ପୋଲ ନାଳରେ ବିପୁଳ ସଂଖ୍ୟାରେ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏତେ ପରିମାଣର ମାଛ ମରି ଭାସିବା ସହିତ ସ୍ଥାନୀୟ ଅଞ୍ଚଳ ଦୁର୍ଗନ୍ଧରେ ପରିପୂର୍ଣ୍ଣ ହୋଇଯାଇଛି। ଏପରି କି କେତେଜଣ ବଡ ବଡ ମାଛ ଭାସୁଥିବା ଦେଖି ଘରକୁ ନେଇଯାଇଥିବା ଦେଖାଯାଇଥିଲା। ଅନ୍ୟପଟେ ଆଖପାଖ କମ୍ପାନୀରୁ ବାହାରୁଥିବା ବର୍ଜ୍ୟବସ୍ତୁ ସହିତ କେମିକାଲମିଶା କୋଇଲା ଗୁଣ୍ଡ ଓ କେମିକାଲ ମିଶା ପାଣି ଏହି ସିଙ୍ଗିଲ ଯୋର ପାଣିରେ ମିଶିବା ଦ୍ୱାରା ମହାନଦୀ ଜଳ ଦୂଷିତ ହେବା ସହ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଲା ମାଛଗୁଡିକୁ ଲୋକମାନେ ଖାଇବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଜଣାପଡିଛି। ଏହି ପାଣି ନଦୀରେ ମିଶିବା ଦ୍ୱାରା ନଦୀପାଣି ଦୂଷିତ ହେବା ସହିତ ନଦୀପାଣିକୁ ବ୍ୟବହାର କଲେ ଲୋକମାନଙ୍କ ସହିତ ଜୀବଜନ୍ତୁ ମଧ୍ୟ ଏହି ପାଣି ପିଇଲେ ରୋଗାକ୍ରାନ୍ତ ହେବାର ଆଶଙ୍କା ରହିଛି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଉ ଜଣେ ଅଭିଯୁକ୍ତ ଗିରଫ

**ଆଠଗଡ଼,୧୯।୭(ସ୍ୱ.ପ୍ର.)**

**ବଡ଼ମ୍ବା ହାତୀ ମୃତ୍ୟୁ ମାମଲା**

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବଡ଼ମ୍ବା ରେଞ୍ଜରୁ ହାତୀ କଙ୍କାଳ ମିଳିବା ଘଟଣାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାନପୁର ଥାନା ଅନ୍ତର୍ଗତ ଜେନାପାଳ ଗ୍ରାମର ସନ୍ତୋଷ କୁମାର ସାହୁ (୫୦) । ଜୁନ ୩ରେ ବଡ଼ମ୍ବା ରେଞ୍ଜ ଗୋପପୁର ସେକ୍ସନ ଜାନିପଦର ବିଟ ଅଞ୍ଚଳରୁ ଏସ୍‌ଟିଏଫ ଦ୍ୱାରା ଏକ ମାଈ ହାତୀର କଙ୍କାଳ ଜବତ କରାଯାଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି।

# ୩ ଜିଲାରୁ ଧରାପଡ଼ିଲେ ୩ ଅଭିଯୁକ୍ତ

**ଟିଗିରିଆ,୧୯।୭(ଡି.ଏନ.ଏ.)**

**ଭିରୁଡ଼ାରେ ଦୁଇଭାଇଙ୍କୁ ଟ୍ରକ ଚଢ଼ାଇ ହତ୍ୟା ଘଟଣା**

ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗ୍ରାମରେ ପୂର୍ବ ଶତ୍ରୁତାରୁ ଦୁଇଭାଇଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଆଉ ୩ ଅଭିଯୁକ୍ତଙ୍କୁ ୩ଟି ଜିଲାରୁ ଗିରଫ କରିଛି। ସେମାନେ ହେଲେ ରଜତ ମଲ୍ଲିକ, ଚନ୍ଦନ ମଲ୍ଲିକ ଓ ମିହିର ମଲ୍ଲିକ। ଆଠଗଡ ପୋଲିସର ସ୍ୱତନ୍ତ୍ର ଟିମ ସମ୍ବଲପୁରର ଠେଲକୋଲିରୁ ରଜତ, ଢେଙ୍କାନାଳର ଭାପୁରରୁ ଚନ୍ଦନ ଓ ଖୋର୍ଦ୍ଧା ଜିଲାର ଭୁବନେଶ୍ୱରରୁ ମିହିରଙ୍କୁ ଗିରଫ କରିଛି। ଏଥିସହ ହତ୍ୟାରେ ବ୍ୟବହାର କରାଯାଇଥିବା ଖଣ୍ଡା, ଠେଙ୍ଗା ଓ ଲୁହାରଡ଼କୁ ଜବତ କରିଛି। ଏନେଇ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ବିଶି ଖବରଦାତା ସମ୍ମିଳନୀ କରି ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ହୋଟେଲ ମାଲିକ ଜୀବନାନନ୍ଦ ମଲ୍ଲିକ ଓରଫ ସୁକୁଟା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ସୂଚନା ଅନୁଯାୟୀ, ଚଳିତ ବର୍ଷ ହୋଲି ଦିନ ଗରପଡା ଶବର ସାହିର ୨ ଭାଇ ଶରତ ଦେହୁରୀ ଓ ଲକ୍ଷ୍ମଣ ଦେହୁରୀଙ୍କ ସହ ଭିରୁଡ଼ା ଗ୍ରାମର ଜୀବନାନନ୍ଦଙ୍କ କଲରାଗଡସ୍ଥିତ ହୋଟେଲରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଟିଗିରିଆ ଥାନାରେ ମାମଲା ରୁଜୁ ହୋଇ ପରବର୍ତ୍ତୀ ସମୟରେ ସମାଧାନ ହୋଇଥିଲା। ଜୁଲାଇ ୭ରେ ଶରତ ଝିଅ ବାହାଘର ନିମନ୍ତେ ଲକ୍ଷ୍ମଣଙ୍କ ସହ ବଜାରକୁ ଯାଇଥିବାବେଳେ ଏକ ହୋଟେଲ୍‌ରେ ପୁନର୍ବାର ଗଣ୍ଡଗୋଳ ହୋଇଥିଲା। ପରେ ଉଭୟ ଭାଇ ଫେରୁଥିବା ବେଳେ ଗ୍ରାମ ନିକଟ ଏଟିଏମ୍ ଛକଠାରେ ଆକ୍ରମଣ କରିବା ସହ ଟ୍ରକ ଚଢ଼ାଇ ହତ୍ୟା କରାଯାଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି।


ଖବରଦାତା ସମ୍ମିଳନୀରେ ପୋଲିସ ହତ୍ୟା ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

# ଜିଏସ୍‌ଟି ଲାଗୁ ପ୍ରତିବାଦରେ ସିପିଏମ୍‌ର ବିକ୍ଷୋଭ

**କଟକ ଅଫିସ, ୧୯।୭**

ଲୋକଙ୍କ ଦୈନନ୍ଦିନ ଆବଶ୍ୟକ ଖାଉଟି ସାମଗ୍ରୀ ଚାଉଳ, ଅଟା, ଡାଲି, ତେଲ, ଚୁଡ଼ା, ମୁଢ଼ି, ଖଇ ଉପରେ କେନ୍ଦ୍ର ସରକାର ୫ ପ୍ରତିଶତ ଜିଏସ୍‌ଟି ଲାଗୁ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ସିପିଆଇ(ଏମ୍) ପକ୍ଷରୁ ବିରୋଧ କରାଯାଇଛି। ଜିଏସ୍‌ଟି ଲାଗୁ ପ୍ରତିବାଦରେ ମଙ୍ଗଳବାର ସିପିଆଇ(ଏମ୍) ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ(ଏମ୍) କଟକ ଜଲା ସମ୍ପାଦକ ବଦ୍ରିନାରାୟଣ ଦାଶ କହିଛନ୍ତି, କେନ୍ଦ୍ର ସରକାର ଦେଶର ଜାତୀୟ ସମ୍ପତ୍ତିଗୁଡ଼ିକୁ ଘରୋଇ କମ୍ପାନୀମାନଙ୍କ ହାତକୁ ଟେକି ଦେଉଛନ୍ତି। ଅନ୍ୟପକ୍ଷରେ ଦେଶବାସୀଙ୍କ ଦୈନନ୍ଦିନ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଚୁଡ଼ା, ମୁଢ଼ି, ଖଇ ଇତ୍ୟାଦି ଉପରେ ୫ ପ୍ରତିଶତ ହାରରେ ଜିଏସ୍‌ଟି ଲାଗୁ କରିଛନ୍ତି। ଏଭଳି ଜନବିରୋଧୀ ପଦକ୍ଷେପ ଯୋଗୁ ଦେଶବାସୀଙ୍କ ଉପରେ ଆର୍ଥିକ ବୋଝ ପଡ଼ିଛି। ଜିଏସଟି ଲାଗୁ ଦ୍ୱାରା ଖାଦ୍ୟ ସାମଗ୍ରୀର ଦର ଆକାଶ ଛୁଆଁ ବୃଦ୍ଧି ଘଟିବ। ତେଣୁ ରାଜ୍ୟ ସରକାର ରାଜ୍ୟରେ ଜିଏସ୍‌ଟି ଲାଗୁ ନ କରିବା ପାଇଁ ଦାଶ ଦାବି କରିଛନ୍ତି। ବିକ୍ଷୋଭରେ କଟକ ମହାନଗର ସମ୍ପାଦକ ପ୍ରତାପ ମହାପାତ୍ର, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ବେହେରା, ଜିଲା କମିଟି ସଭ୍ୟ ରଶ୍ମିରଞ୍ଜନ ତ୍ରିପାଠୀ, ରବିନାରାୟଣ ମଲ୍ଲିକ, ରମେଶ ବେହେରା, ଶ୍ରମିକ ନେତା ଚନ୍ଦ୍ରକାନ୍ତ ବେହେରା, ନାରୀନେତ୍ରୀ ବୁଲି ସାହୁ ପ୍ରମୁଖ ସାମିଲ ଥିଲେ।

### ଭାଇକୁ ହାଣି ଫେରାର ଥିବା ଭାଇ ଗିରଫ

**ମଙ୍ଗୁଳି,୧୯।୭(ଡି.ଏନ୍.ଏ.)**

ପାଚେରି ନିର୍ମାଣକୁ କେନ୍ଦ୍ରକରି ଭାଇକୁ ହାଣିବା ଅଭିଯୋଗରେ ଜଗତପୁର ପୋଲିସ ଜଣେ ଅଭିଯୁକ୍ତ ଭାଇଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ସିଂଘମପୁର ଗ୍ରାମର ଶଶାଙ୍କ ଜେନା(୫୬)। ଜୁନ ୨୯ରେ ସିଂଘମପୁର ଗ୍ରାମର ବିଜୟ ଜେନା ଏବଂ ତାଙ୍କ ପୁଅ ତପନ ନିଜ ଘରର ଏକ ପାଚେରି ନିର୍ମାଣ କରୁଥିଲେ। ସେହି ସମୟରେ ବିଜୟଙ୍କ ସମ୍ପର୍କୀୟ ଭାଇ ଶଶାଙ୍କ ଏବଂ ତାଙ୍କ ଦୁଇ ପୁଅ ପହଞ୍ଚି ପାଚେରି ନିର୍ମାଣକୁ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହେବାରୁ ଶଶାଙ୍କ ୨ପୁଅ ଏକ କଟୁରି ଏବଂ ଦା ଆଣିଥିଲେ। ଶଶାଙ୍କ ପୁଅ ହାତରୁ କଟୁରି ନେଇ ବିଜୟଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ବିଜୟ ଜୀବନ ବଞ୍ଚାଇବାକୁ ଯାଇ ବାମ ହାତ ଦେଖାଇବାରୁ ପାପୁଲିରେ ବାଜିଥିଲା। ପଡ଼ୋଶୀ ପହଞ୍ଚି ଯିବାରୁ ଶଶାଙ୍କ ଏବଂ ତାଙ୍କ ଦୁଇ ପୁଅ ଚମ୍ପଟ ମାରିଥିଲେ। ଖବର ପାଇ ପାଗା ଫାଣ୍ଡି ପୋଲିସ ଆସି ଆହତ ବିଜୟଙ୍କୁ କଟକ ବଡ଼ ମେଡିକାଲ ପଠାଇଥିଲା। ଏ ନେଇ ବିଜୟଙ୍କ ପୁଅ ତପନ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ(୨୬୬/୨୨)ରୁଜୁ କରି ତଦନ୍ତ କରିଥିଲା। ମଙ୍ଗଳବାର ଶଶାଙ୍କ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ଗିରଫ କରିଛି।

# ଡମ୍ପିଂ ୟାର୍ଡ ପାଇଁ ମିଳୁନି ଜାଗା

**କଟକ ସଦର,୧୯।୭(ଡି.ଏନ୍.ଏ.)**

**ଆବର୍ଜନାକୁଣ୍ଡ ନିର୍ମାଣ ପାଇଁ ଅଗ୍ରାଧିକାର**

ଗାଁଗହଳିର ବର୍ଜ୍ୟବସ୍ତୁ ସଂଗ୍ରହ କରି ଏକତ୍ରିତ କରିବା ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଆବର୍ଜନାକୁଣ୍ଡ ନିର୍ମାଣ କରାଯାଉଛି। ମାତ୍ର ସଂଗୃହୀତ ଆବର୍ଜନାକୁ କେଉଁଠାରେ ଜଳାଯିବ ସେଥିପାଇଁ ଡମ୍ପିଂ ୟାର୍ଡ ଦରକାର। ଏଥି ପାଇଁ ଜାଗା ଚିହ୍ନଟ କରାଯାଇନାହିଁ। କାରଣ ଯେଉଁ ସ୍ଥାନରେ ବର୍ଜ୍ୟ ପଦାର୍ଥ ଫିଙ୍ଗା ଯିବ ତାହା ଗୋଚର କିସମର ଅଟେ। ଫଳରେ ବର୍ଜ୍ୟବସ୍ତୁକୁ ନଷ୍ଟ କରିବା ପାଇଁ ଜାଗା ଚିହ୍ନଟ ହୋଇପାରିନାହିଁ। ସୂଚନା ଅନୁଯାୟୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ୨୦ରୁ ୪୦ ହଜାର ଟଙ୍କା ବ୍ୟୟରେ ସିମେଣ୍ଟ କୁଣ୍ଡ ବିଭିନ୍ନ ରାସ୍ତାପାର୍ଶ୍ୱରେ ନିର୍ମାଣ ଚାଲିଛି। ଏଥିରେ ଜମା ହେଉଥିବା ବର୍ଜ୍ୟ ପଦାର୍ଥ କିପରି ୟାର୍ଡକୁ ସ୍ଥାନାନ୍ତରିତ କରାଯିବ ସେଥିପାଇଁ ଆଗ ପଦକ୍ଷେପ ନିଆଯିବା ସହ ପାଣ୍ଠିର ବ୍ୟବସ୍ଥା କରାଯିବା ଦରକାର ବୋଲି କନ୍ଦରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଭୋଇ କହିଛନ୍ତି। ୨୦୧୪ ମସିହାରେ ଗାଁ କଲ୍ୟାଣ ସମିତି ଅର୍ଥରେ ପ୍ରତି ଗ୍ରାମରେ ବର୍ଜ୍ୟବସ୍ତୁ କୁଣ୍ଡ କରାଯାଇଥିଲା। ମାତ୍ର ଠିକ୍ ସମୟରେ ସଫା କରା ନ ଯିବାରୁ ଦୁର୍ଗନ୍ଧ ବାହାରିଲା। ତା'ପରେ ସେଗୁଡିକ ଭାଙ୍ଗିରୁଜି ଯାଇଥିଲା। ଏବେକାର କୁଣ୍ଡର ମଧ୍ୟ ସମାନ ଅବସ୍ଥା ହେବା ସହ ସରକାରୀ ଅର୍ଥର ଦୁରୁପଯୋଗ ବୋଲି କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରତାପ ମଲ୍ଲିକ କୁହନ୍ତି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଏହି କଥାକୁ ଏଡ଼ାଇ ଦେଇଥିଲେ।

# ମଲା ନାଗସାପ ସହ ୧୪ ଛୁଆ ଉଦ୍ଧାର

**ବାଙ୍କୀ,୧୯।୭(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମର ଲକ୍ଷ୍ମୀଧର ପରିଡାଙ୍କ ନବନିର୍ମିତ ପାଇଖାନା ଟାଙ୍କିରୁ ମଙ୍ଗଳବାର ଗୋଟିଏ ମଲା ନାଗସାପ ମିଳିଥିବା ବେଳେ ୧୪ ଛୁଆଙ୍କୁ ଉଦ୍ଧାର କରାଯାଇଛି। ସେ ଟାଙ୍କି ମରାମତି କରିବାକୁ ଯାଇଥିବାବେଳେ ସାପଗୁଡ଼ିକୁ ଦେଖି ସ୍ନେକ ହେଲପ୍ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କ ସାହାଯ୍ୟ ଲୋଡିଥିଲେ। ଖବରପାଇ ସ୍ନେକ ହେଲ୍ପଲାଇନର ସଂଯୋଜକ ଲଳିତ ମୋହନ ପଣ୍ଡା ଓ ସଦସ୍ୟ ଦୁର୍ଗାମାଧବ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ସାପଟି କେବେ ଟାଙ୍କି ଭିତରକୁ ଖସିପଡିଥିଲା ଲକ୍ଷ୍ମୀଧର ସେବିଷୟରେ କିଛି କହିପାରି ନ ଥିଲେ।



୧୧ଫୁଟ ଲମ୍ବ, ୬ଫୁଟ ଚଉଡା ଓ ୯ଫୁଟ ଗଭୀର ଏହି ଟାଙ୍କିରେ ସବୁବେଳେ ଘୋଡଣୀ ରହିଥିଲା। ମରାମତି କରିବା ପାଇଁ ଘୋଡଣୀ କଢ଼ାଯିବା ପରେ ସେଥିରେ ସାପ ଥିବା ଜଣାପଡ଼ିଥିଲା। ପଣ୍ଡା ଓ ମହାପାତ୍ର ଉକ୍ତ ଟାଙ୍କି ଭିତରକୁ ଯାଇ ମଲା ନାଗସାପକୁ ବାହାରକୁ ବାହାର କରିବା ସହ ଛୁଆଗୁଡ଼ିକୁ ଉଦ୍ଧାର କରିଥିଲେ। ଉକ୍ତ ସାପଛୁଆଗୁଡ଼ିକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି।

# ରାସ୍ତା କାର୍ଯ୍ୟ ଅଧାପନ୍ତରିଆ, ଯାତାୟାତ ବାଧା

**ଚୌଦ୍ୱାର,୧୯।୭(ଡି.ଏନ୍.ଏ)**

**ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ**

୫୫ ନମ୍ବର ଜାତୀୟ ରାଜପଥ ମଙ୍ଗୁଳିଠାରୁ କଜଳଖଣା ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ବ୍ୟାପୀ ରାସ୍ତାଟି ନଷ୍ଟ ହୋଇଯିବା ସହିତ ରାସ୍ତା ସାରା ଖାଲଖମାରେ ଭରି ଅନେକ ସ୍ଥାନରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏହି ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଆଜକୁ ୩ବର୍ଷ ତଳୁ ଆରମ୍ଭ ହୋଇଥିଲେ ହେଁ ରାଜପଥ ପ୍ରାଧିକରଣ ବିଭାଗ ଓ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନରେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ରାସ୍ତାରେ ଖାଲଖମା ଥିବା ଓ ବର୍ଷାଜଳ ଜାତୀୟ ରାଜପଥ ଉପରେ ଜମିରହିବା ଫଳରେ ଯାନବାହାନ ତଥା ସାଧାରଣ ଲୋକେ ଯାତାୟାତରେ ବାଧା ଉପୁଜୁଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ, ବହୁ ସଂଗଠନ, ରାଜନୈତିକ ବ୍ୟକ୍ତିମାନଙ୍କ ତରଫରୁ ବିଭାଗୀୟ ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ପରିସ୍ଥିତି ଅସମ୍ଭାଳ ହେବାରେ ମଙ୍ଗଳବାର ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଯୁବ ସଭାପତି ଅର୍ଜୁନ ପଣ୍ଡା ପ୍ରମୁଖ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓଙ୍କୁ ଭେଟି ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ସର୍ଭିସରୋଡ୍ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବା, ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଖାଲଖମାର ମରାମତି, ରାସ୍ତାରୁ ବର୍ଷାଜଳ ନିଷ୍କାସନ, ୩ଟି ଅଣ୍ଡର ବାଇପାସ୍ ନିର୍ମାଣ ଆଦି ପାଇଁ ଏକ ଦାବିପତ୍ର ନିର୍ଦ୍ଦେଶକ ରାଓଙ୍କୁ ପ୍ରଦାନ କରିଥିଲେ। ଆଗାମୀ ୩ଦିନ ମଧ୍ୟରେ ଡ୍ରେନେଜ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ କରାଯିବା ସହିତ ୧୦ ଦିନ ମଧ୍ୟରେ ସର୍ଭିସ୍ ରୋଡ୍ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ରାଓ ପ୍ରତିଶ୍ରୁତି ଦେବା ସହିତ ବର୍ଷାସ୍ଥିତିକୁ ଦେଖି ରାଜରାସ୍ତାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।


ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବୋଉର ହାତବାକ୍ସ ଅଡିଓ ରିଲିଜ୍, ହୋଟେଲ ସ୍ୟାଣ୍ଡି ଟାୱାର, ଜୟଦେବ ବିହାର, ଅପରାହ୍ନ ୫ଟା।
- ତକ୍ଷକ ଟିଭି ପକ୍ଷରୁ ରଥଯାତ୍ରା ଅବସରରେ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ଭଜନ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

## ସଂକ୍ଷେପରେ

### ଆଜି ବନକଲାଗି, ୫ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫିସ, ୧୯।୭:** ଶ୍ରାବଣ ମାସ କୃଷ୍ଣପକ୍ଷ ସପ୍ତମୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ଘଣ୍ଟା ଧରି ବନକଲାଗି ନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଦତ୍ତମହାପାତ୍ର ସେବକମାନେ ବନକଲାଗି ନୀତି ସମ୍ପାଦନ କରିବେ। ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏହି ଗୁପ୍ତ ନୀତି ସମୟରେ ଅନ୍ୟ ସେବାୟତଙ୍କ ସମେତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ନୀତି ସାରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବ। ଏହାପରେ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ବନକ ଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର ଓ ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

### ବଡ଼ମ୍ବା ହାତୀ ମୃତ୍ୟୁ ମାମଲା: ଆଉ ଜଣେ ଗିରଫ

**ଆଠଗଡ଼, ୧୯।୭(ସ୍ୱ.ପ୍ର.):** ଆଠଗଡ଼ ବନଖଣ୍ଡ ଅନ୍ତର୍ଗତବଡ଼ମ୍ବା ରେଞ୍ଜରୁ ହାତୀ କଙ୍କାଳ ମିଳିବା ଘଟଣାରେ ସ୍ୱତନ୍ତ୍ର ତଦନ୍ତକାରୀଦଳ ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାନପୁର ଥାନା ଅନ୍ତର୍ଗତ ଜେନାପାଳ ଗ୍ରାମର ସନ୍ତୋଷ କୁମାର ସାହୁ (୫୦) । ଜୁନ ୩ରେ ବଡ଼ମ୍ବା ରେଞ୍ଜ ଗୋପପୁର ସେକ୍ସନ ଜାନିପଦର ବିଟ ଅଞ୍ଚଳରେ ଏସ୍‌ଟିଏଫ ଦ୍ୱାରା ଏହି ମାଈ ହାତୀର କଙ୍କାଳ ଜବତ କରଯାଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି।

### 'ଶ୍ରୀମଦ୍ ଭଗବଦ୍ ଗୀତା'ର ନୂତନ ସଂସ୍କରଣ ଲୋକାର୍ପିତ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ):** ସ୍ୱର୍ଗତ ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ଦ୍ୱାରା ଇଂଲିଶରେ ଅନୁଦିତ 'ଶ୍ରୀମଦ୍ ଭଗବଦ୍ ଗୀତା'ର ନୂତନ ସଂସ୍କରଣକୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନଠାରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଗୀତାର କାବ୍ୟିକ ଅନୁବାଦ ଏକ କଠିନ ବ୍ୟାପାର। ଗୀତା ହେଉଛି ସଭ୍ୟତାର ସର୍ବଶ୍ରେଷ୍ଠ ଗ୍ରନ୍ଥ। ଏଥିରେ ସକଳ ପ୍ରଶ୍ନର ଉତ୍ତର ହୋଇଛି। ଗୀତାର ବିକଳ୍ପ ନାହିଁ। ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀ ପ୍ରସାରରେ ହିଁ ପୃଥିବୀରେ ଶାନ୍ତି ଆସିପାରିବ ବୋଲି ସେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ନ୍ୟାୟମୂର୍ତ୍ତି ବାସୁଦେବ ପାଣିଗ୍ରାହୀ, ନ୍ୟାୟମୂର୍ତ୍ତି ଆର୍. ଏନ୍. ବିଶ୍ୱାଳ, ବିନ୍ଧ୍ୟବାଳା ପାଣିଗ୍ରାହୀ, ବୈବସ୍ୱତ ପାଣିଗ୍ରାହୀ, ରାମନାଥ ପଣ୍ଡା, ଗୀତା ମହାନ୍ତି, ସ୍ୱାମୀ ଶିବ ଚିଦାନନ୍ଦ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକା ପଞ୍ଜୀକରଣ ପାଇଁ ଫେକ୍ ଲିଙ୍କ୍

**ଦତ୍ତାତ୍ରେୟ ନାୟକ**
**ପୁରୀ ଅଫିସ, ୧୯।୭**

- କ୍ଲିକ୍ କଲେ ଆକାଉଣ୍ଟରୁ କଟିଯାଉଛି ଟଙ୍କା
- ଗୋଲ୍ଡେନ ଆୱାର୍‌ରେ ଅଭିଯୋଗ କଲେ ବର୍ତ୍ତିବେ




ରାଜ୍ୟରେ ସମ୍ପ୍ରତି ବୁଷ୍ଟର ଡୋଜ୍ ଟିକାକରଣ ଚାଲିଛି। ଟିକା ନେବା ପାଇଁ ଲୋକଙ୍କ ମଧ୍ୟରେ ଧୀରେ ଧୀରେ ଆଗ୍ରହ ପ୍ରକାଶ ପାଉଛି। ଏଥିଲାଗି ଜୁଲାଇ ୧୫ରୁ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନରେ ନାମ ପଞ୍ଜୀକରଣ ହେଉଛି। ତେବେ ସାଇବର ଠକମାନେ ଏହାର ସୁଯୋଗ ନେଇ ପଞ୍ଜୀକରଣ ନାମରେ ମୋବାଇଲ ଫୋନକୁ ଫେକ୍ ଲିଙ୍କ୍ ପଠାଇ ଅର୍ଥ ଲୁଟିବାକୁ ଉଦ୍ୟମ କରୁଛନ୍ତି। ଏଭଳି ଠକେଇ ଉଦ୍ୟମ କରାଯାଉଥିବା ନେଇ ପୁରୀ ସହରର ଅନେକ ମୋବାଇଲ ୟୁଜର୍ସ ଅଭିଯୋଗ ଆଣିଛନ୍ତି। ନିକଟରେ ଚନ୍ଦନପୁର ଅଞ୍ଚଳର ବିଜୟ ବରାଳଙ୍କ ଆକାଉଣ୍ଟରୁ ଏଭଳି ଭାବେ ୧୬ଶହ ଟଙ୍କାର ଠକେଇ ହୋଇଥିବା ଜାଣିବାକୁ ମିଳିଛି। ଅନ୍ୟ କେତେଜଣ ୟୁଜର୍ସ ଟଙ୍କା ହରାଇ ନ ଥିଲେ ମଧ୍ୟ ସେମାନଙ୍କ ପାଖରେ ଏଭଳି ଫେକ୍ ଲିଙ୍କ୍ ପହଞ୍ଚିଥିବା କହିଛନ୍ତି। ପୁରୀର ସତ୍ୟବ୍ରତ ପରିଡ଼ା କହିଛନ୍ତି, ପ୍ରତି ସପ୍ତାହରେ ଏଭଳି ଫେକ୍ ଲିଙ୍କ୍ ମୋବାଇଲକୁ ଆସୁଛି। ଭିନ୍ନ ଭିନ୍ନ ନମ୍ବରରେ ଓ ଭିନ୍ନ ଭିନ୍ନ ନାମ ଲେଖାଯାଇ ଲିଙ୍କ୍ ପଠାଯାଉଛି। ଗତ ୧୬ ତାରିଖରେ ମୋ' ପାଖରେ ଏଭଳି ଲିଙ୍କ୍ ପହଞ୍ଚିଥିଲା। ତେବେ ପୂର୍ବରୁ ଏ ବିଷୟରେ ଅବଗତ ଥିବାରୁ ମୁଁ ଟ୍ରାପ୍‌ରେ ଫସି ନ ଥିଲି।

### କେମିତି ହେଉଛି ଠକେଇ

ସାଇବର ଠକମାନେ ଏକ ଅଜଣା ନମ୍ବରରୁ ଆପଣଙ୍କ ପାଖକୁ ମେସେଜ ପଠାଇବେ। ଏହି ମେସେଜ ମାଧ୍ୟମରେ ଟିକା ପଞ୍ଜୀକରଣ ପାଇଁ ଏକ ଆପ୍ଲିକେଶନ୍ ଡାଉନଲୋଡ୍ କରିବାକୁ କୁହାଯିବ। ତେବେ ଡାଉନଲୋଡ୍ କରିବାକୁ ଏକ ଲିଙ୍କ୍ ଜଡ଼ିତ ହୋଇଥିବ। ଲିଙ୍କ୍‌ରେ କ୍ଲିକ୍ କଲେ ମାଇଁ ଭ୍ୟାକ୍ସିନେଶନ୍ ନାମକ ଆପ୍ ଦେଖିବାକୁ ମିଳିବ। ଲିଙ୍କ୍ ଉପରେ କ୍ଲିକ୍ କଲେ, ଭାଇରସ ସ୍ୱତଃ ମୋବାଇଲ ଭିତରକୁ ଚାଲିଆସିବ। ଏହାକୁ ଟେକ୍ନିକାଲ ମାଲୱେର ବୋଲି କୁହାଯାଏ। ଏହି ମାଲୱେର ଇନ୍‌ଷ୍ଟଲ ହେବା ପରେ ଆପଣଙ୍କ ଆଣ୍ଡ୍ରଏଡ୍ ଏବଂ ସ୍ମାର୍ଟ ଫୋନର କିଛି ସେଟିଂ ପରିବର୍ତ୍ତନ ହେବା ସହ ଆପ୍ଲିକେଶନ୍ ପାଇଁ ମୋବାଇଲ ଲୋକେଶନ ଓ ତଥ୍ୟ ପାଇଁ ଆକ୍ସେସ ମିଳିଯାଏ। ଫଳରେ ହ୍ୟାକର ତଥା ସାଇବର ଠକମାନେ ମୋବାଇଲ ଫୋନ୍‌କୁ ପରିଚାଳନା କରିବାରେ ସମର୍ଥ ହୁଅନ୍ତି ଓ ତଥ୍ୟ ଦେଖିପାରନ୍ତି। ଫୋନ୍‌ରୁ ଗୋପନୀୟ ତଥ୍ୟ ହାସଲ କରି ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟ କରିଥାନ୍ତି ବୋଲି ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି।

### ସମାଧାନର ପନ୍ଥା କ'ଣ

ଅଜଣା ଉତ୍ସରୁ ଆସୁଥିବା କୌଣସି ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ନାହିଁ। ମୋବାଇଲ ଫୋନ୍‌ର ଗୁଗଲ କ୍ରୋମ୍‌ରେ ପାସୱାର୍ଡକୁ ସେଭ୍ କରି ରଖନ୍ତୁ ନାହିଁ। ଯଥାସମ୍ଭବ ଅଜଣା ଲିଙ୍କ୍‌ର ମୋବାଇଲ ନମ୍ବର ଏବଂ ଓଟିପି ଦେଇ ପଞ୍ଜୀକରଣ କରିବାରୁ ବଞ୍ଚନ୍ତୁ। ଟିକା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଲିଙ୍କ୍ ଓ ଆପ୍‌କୁ ବ୍ୟବହାର କରନ୍ତୁ। ଲିଙ୍କ୍ ମାଧ୍ୟମରେ ଠକେଇ ଏବେ ଏକ ସହଜ ପଦ୍ଧତିରେ ପରିଣତ ହୋଇଛି। ଏଭଳି ଢଙ୍ଗରେ ସାଇବର ଠକମାନେ ସହଜରେ ଟଙ୍କା ଲୁଟ୍ କରିପାରୁଛନ୍ତି ବୋଲି ସାଇବର ଏକ୍ସପର୍ଟ ସ୍ୱପ୍ନ ସାର୍ଥକ ସ୍ୱାଇଁ କହିଛନ୍ତି। ସେ ଆହୁରି କହିଛନ୍ତି, ସବୁ ସାଇବର ଠକେଇ ପରେ ଏକ ଗୋଲ୍ଡେନ ଆୱାର ଥାଏ। ଠକେଇର ଏକ ଘଣ୍ଟା ଭିତରେ ଟଙ୍କା ମିଳିବାର ସୁଯୋଗ ଅଧିକ ରହିଥାଏ। ତେଣୁ ଠକେଇ ହେଲେ ଯଥାଶୀଘ୍ର ସାଇବର ଥାନାରେ ଅଭିଯୋଗ କରାଯିବା ଦରକାର।



ଘୋଷଯାତ୍ରା ସରିବା ପରେ ଶ୍ରୀମନ୍ଦିର ସମ୍ମୁଖରେ ଥିବା ତିନି ରଥରୁ ମଙ୍ଗଳବାର କନା ଓ କଳସ କଢ଼ାଯାଉଛି।

## ତିନିରଥରୁ କଢ଼ାହେଲା କନା, କଳସ

**ପୁରୀ ଅଫିସ, ୧୯।୭**

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସରିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିରଥ ରହିଛି। ନୀଳାଦ୍ରି ବିଜେ ପର ଦିନ ତିନି ରଥରୁ ସାରଥି, ଠେକରା ବାଡ଼ ଓ ପାର୍ଶ୍ୱଦେବଦେବୀଙ୍କୁ କଢ଼ାଯାଇଥିଲା। ଠେକରାବାଡ଼ ଓ ପାର୍ଶ୍ୱଦେବଦେବୀଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସର ଓ ସାରଥିମାନଙ୍କୁ ଦୋଳବେଦୀ ପରିସରରେ ରଖାଯାଇଛି। ସେହିପରି ତିନିରଥର ଘୋଡ଼ା ଓ ଚାରମାଳଗୁଡ଼ିକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରକୁ ନିଆଯାଇଥିଲା। ପରେ ତିନିରଥରେ ଲାଗିଥିବା ପିତ୍ତଳ ସାମଗ୍ରୀଗୁଡ଼ିକୁ ମଧ୍ୟ କଢ଼ାଯାଇଥିଲା। ତିନି ରଥରୁ କନା, କଳସ ପ୍ରଭୃତି କଢ଼ାଯାଇ ନ ଥିଲା। ମଙ୍ଗଳବାର ଅପରାହ୍ନରେ ପ୍ରଥମେ କଳସ ଓ ପରେ କନା ବାହାର କରାଯାଇଛି। ଏଗୁଡ଼ିକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ଭଙ୍ଗା ନେଇ ସୂଚନା ଆସିବା ପରେ ଭୋଇ ସେବକମାନେ ରଥ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିବେ ବୋଲି ସୂଚନା ମିଳିଛି।

## ନନ୍ଦନକାନନ: ୩ବର୍ଷରେ ୨୬୦ ପଶୁପକ୍ଷୀ ମୃତ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ଗତ ୩ବର୍ଷରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିଭିନ୍ନ ପ୍ରଜାତିର ୨୬୦ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରମୁଖ କାରଣ ହେଉଛି ନିଜ ନିଜ ମଧ୍ୟରେ କଳହ, ବାର୍ଦ୍ଧକ୍ୟଜନିତ, ରୋଗ ଜନିତ ଓ ମାତୃତ୍ୱ ଜନିତ ବୋଲି ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ତଥ୍ୟ ପ୍ରଦାନ କରିଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ଏହି ସମୟ ମଧ୍ୟରେ ନନ୍ଦନକାନନକୁ ଅନ୍ୟ ସ୍ଥାନରୁ ବା ଦେଶରୁ ପ୍ରତି ବଦଳରେ ବା କ୍ରୟ କରି ୬୪ଟି ନୂତନ ବନ୍ୟପ୍ରାଣୀ ଅଣାଯାଇଛି। ବର୍ତ୍ତମାନ ନନ୍ଦନକାନନରେ ୧,୮୩୮ ସ୍ତନ୍ୟପାୟୀ, ୩୧୭ ସରୀସୃପ, ୧୮୬୨ ପକ୍ଷୀ, ୨୧ ଉଭୟଚର ପ୍ରାଣୀ ଭଳି ମୋଟ ୪,୦୩୮ ବନ୍ୟାପ୍ରାଣୀ ଅଛନ୍ତି। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ୩ଟି ପୁରାତନ ଖୁଆଡ଼କୁ ପରିବର୍ତ୍ତନ କରାଯାଇ ମାଙ୍କଡ଼ଙ୍କ ପାଇଁ ୨ଟି ଦ୍ୱୀପ ସଦୃଶ ଖୁଆଡ଼ କାମ ଆରମ୍ଭ ହୋଇଛି। ଆସନ୍ତା ୨୦ବର୍ଷ ପାଇଁ ୬୦୦କୋଟି ବ୍ୟୟରେ ନନ୍ଦନକାନନର ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି।

# ହାଇକୋର୍ଟରେ ଚଣ୍ଡୀ ମନ୍ଦିର ମାମଲା ଖାରଜ

**କଟକ ଅଫିସ, ୧୯।୭**

- ରହିତାଦେଶ ମିଳିଲା ନାହିଁ
- ଏବେ ସମ୍ପ୍ରସାରଣ ରାସ୍ତା ସଫା

କଟକ ଚଣ୍ଡୀ ମନ୍ଦିର ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ମଙ୍ଗଳବାର ଖାରଜ ହୋଇଯାଇଛି। ଶୈଳବାଳା ମହାବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାକୁ ଖାରଜ କରିଦେଇଛନ୍ତି। ଫଳରେ ଚଣ୍ଡୀ ମନ୍ଦିରର ସମ୍ପ୍ରସାରଣ ନେଇ ଏବେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ।

ଚଣ୍ଡୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମନ୍ଦିର ସମ୍ମୁଖରେ ଥିବା କଲେଜର ପ୍ରାୟ ୩ ହଜାର ବର୍ଗ ଫୁଟ ଜମି ଅଧିଗ୍ରହଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସମ୍ପୃକ୍ତ ଜମିରେ ମହାବିଦ୍ୟାଳୟର ଖେଳପଡ଼ିଆ ରହିଛି। ଏହାକୁ ଏକ ଧାର୍ମିକ ଅନୁଷ୍ଠାନ ପାଇଁ ଅଧିଗ୍ରହଣ କରାଯିବା ବେଆଇନ ବୋଲି ଦର୍ଶାଇ ଶୈଳବାଳା ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ରାଜ୍ୟରେ ନାରୀ ଶିକ୍ଷା ପାଇଁ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ଏହି ଜମି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କନ୍ୟା ପ୍ରଦାନ କରିଥିଲେ ବୋଲି ଆବେଦନକାରୀ ଆବେଦନରେ ଦର୍ଶାଇଥିଲେ। ଶିକ୍ଷାନୁଷ୍ଠାନର ଜମିକୁ ଏକ ନିର୍ଦ୍ଦିଷ୍ଟ ଧର୍ମ ପାଇଁ ବ୍ୟବହାର କରିବା ସମ୍ବିଧାନର ବିରୁଦ୍ଧାଚରଣ କରୁଛି ବୋଲି ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଦର୍ଶାଯାଇଥିଲା। ଅନ୍ୟପଟେ ଏହି ଜମି ମଧୁସୂଦନ ଦାସଙ୍କର ନୁହେଁ, ବରଂ ସରକାରୀ ଜମି ବୋଲି ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରମାଣ ଦାଖଲ କରାଯାଇଥିଲା। ଚଣ୍ଡୀ ମନ୍ଦିରର ଉନ୍ନତୀକରଣ ପାଇଁ ସବୁକିଛି ଆଇନ ଅନୁଯାୟୀ କରାଯାଉଥିବା ଉକ୍ତ ସତ୍ୟପାଠରେ କୁହାଯାଇଛି। ମନ୍ଦିର ଉନ୍ନତୀକରଣ କାର୍ଯ୍ୟରେ ରହିତାଦେଶ ଜାରି କରିବାକୁ କୋର୍ଟଙ୍କୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ତେବେ କୌଣସି ପ୍ରକାର ରହିତାଦେଶ ଦେବାକୁ ହାଇକୋର୍ଟ ମନା କରିଦେବା ସହ ଏହି ପିଟିଶନକୁ ଖାରଜ କରିଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିକାଶ



@ ବଳଦେବ



@ ଅମୃତା



@ କୁନ୍‌ମୁନ୍



@ ଦୁର୍ଯ୍ୟୋଧନ

## ଧାର ଟଙ୍କା ନ ପାଇ ଯୁବକଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ(ଖୋର୍ଦ୍ଧା), ୧୯।୭(ଡିଏନ୍.ଏ.)**

- ପୂର୍ବରୁ ଭିଡିଓ କରି ଧାର କଥା କହିଥିଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ମୋ' ଠାରୁ ଟଙ୍କା ଧାର ନେଇ ଶୁଝିଲେନି। ଫଳରେ ମୁଁ ମାନସିକ ସ୍ତରରେ ଭାଙ୍ଗି ପଡିଛି, ଜଣେ ଯୁବକ ଏହିଭଳି କିଛି ଦୁଃଖଭରା କଥା ଏକ ଭିଡିଓ ମାଧ୍ୟମରେ କହିବା ପରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ମାନସିଂହପୁର ଗ୍ରାମର ବୁଲୁ ବେହେରା। ତେବେ ଆତ୍ମହତ୍ୟା ପୂର୍ବରୁ ସେ କରିଥିବା ଉକ୍ତ ଭିଡିଓଟି ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ, ତରାପି ଗ୍ରାମର ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ପ୍ରାୟ ୨ଲକ୍ଷ ଟଙ୍କା ତିନିମାସ ପାଇଁ ବୁଲୁ ଧାର ଦେଇଥିଲେ। ତେବେ ଧାର ନେଇଥିବା ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟରେ ଟଙ୍କା ଫେରାଇଲେ ନାହିଁ। ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ବୁଲୁ ମାନସିକ ଚାପରେ ରହିଥିଲେ। ଶେଷରେ ବୁଲୁ ଭିଡିଓ ମାଧ୍ୟମରେ ଦୁଃଖର ସହ ଉପରୋକ୍ତ ଘଟଣା ବଖାଣିବା ପରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ଟଙ୍କା ଧାର ନେଇଥିବା ବ୍ୟକ୍ତିମାନେ ବୁଲୁଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ପରିବାରଲୋକେ ଅଭିଯୋଗ ଆଣିଛନ୍ତି।



ସ୍ୱର୍ଗତ ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ଦ୍ୱାରା ଇଂଲିଶରେ ଅନୁଦିତ 'ଶ୍ରୀମଦ୍ ଭଗବଦ୍ ଗୀତା'ର ନୂତନ ସଂସ୍କରଣକୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନଠାରେ ଲୋକାର୍ପଣ କରୁଛନ୍ତି।



ଆସୁଛି ଖୁଦୁରୁକୁଣୀ ଓଷା: କଟକ କୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ଖୁଦୁରୁକୁଣୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରୁଛନ୍ତି।




୧୩ତମ କଟନ ଫାବ୍ ପ୍ରଦର୍ଶନୀର ୨ୟ ସପ୍ତାହର ୧ମ ବିଜେତା ଡମ୍ବରୁଧର ମାଝି ମେଳାର ସମ୍ପାଦକ ଜାଭେଦ ଆଲାମଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

